## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମୋରଡା, ୧୨।୧(ସମିସ):** ମୋରଡା ଥାନା ଅନ୍ତର୍ଗତ ଖୁରୁଣ୍ଟିଆ ଗ୍ରାମର କୁଆଁର ପୋଖରୀ ଆଡ଼ିରେ ଥିବା ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି ମୋରଡା ପୁଲିସ। ମୃତ ଯୁବକ ଉକ୍ତ ଥାନା ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର ଖୁରୁଣ୍ଟିଆ ଗ୍ରାମର ରତିକାନ୍ତ ସିଂ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ରତିକାନ୍ତଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ହଲର ମେସିନରେ ଧାନ କୁଟି ଗୁଜୁରାଣ ମେଣ୍ଟାଉ ଥିବାବେଳେ ଶନିବାର ସକାଳୁ ଘରୁ ବାହାରି ଆସି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ରତିକାନ୍ତଙ୍କୁ ପାଇ ନ ଥିଲେ। ସକାଳେ ପୋଖରୀ ଆଡିରେ ଥିବା ଛାତନା ଗଛରେ ନୂଆ ପ୍ଲାଷ୍ଟିକ ଦଉଡିରେ ରତିକାନ୍ତଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଜଣାଇଥିଲେ। ଖବର ପାଇ ମୋରଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି। ଏ ନେଇ ମୋରଡା ଥାନାରେ ୨/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବଲେରୋ ଧକ୍କାରେ ଦମ୍ପତି ମୃତ

**କରଞ୍ଜିଆ, ୧୨।୧(ସମିସ):** କରଞ୍ଜିଆଠାରୁ ୧୦ କିମି ଦୂର କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର କଳାକାଦ ନିକଟ ଟାଙ୍ଗୁରୁ ସାହିଠାରେ ଏକ ବଲେରୋ ବାଇକ୍‌କୁ ଧକ୍କା ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଚିରୁପଦା ଗ୍ରାମର ମନୋଜ ପୂର୍ତ୍ତି ଓ ତାଙ୍କ ସ୍ତ୍ରୀ କୁନି ମୁଦୁଆ ବାଇକ୍ ଯୋଗେ କରଞ୍ଜିଆ ଆସୁଥିବାବେଳେ ଏକ କୁକୁଡ଼ା ବୋଝେଇ ବଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ କୁନି ମୁଦୁଆ ମୃତ୍ୟୁବରଣ କରିଥିବାବେଳେ ଗୁରୁତର ଅବସ୍ଥାରେ ମନୋଜଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ବଲେରୋ ସହ ଚାଳକ ଚମ୍ପଟ ମାରିଥିବା ଜଣାପଡ଼ିଛି। ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ବାଇକ୍-ସାଇକଲ ଧକ୍କା; ଜଣେ ଗୁରୁତର

**ବହଳଦା, ୧୨।୧(ସମିସ):** ବହଳଦା-ଝରାଡିହି ମୁଖ୍ୟ ସଡ଼କର କାଙ୍କି ଛକ ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଜଣେ ସାଇକେଲ ଚାଳକଙ୍କୁ ଏକ ବାଇକ୍ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି।

ଏଥିରେ ସାଇକଲ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜି ବହଳଦା ସାପ୍ତାହିକ ହାଟ ଥିବା ବେଳେ ମକର ପାଇଁ ଜିନିଷପତ୍ର କିଣି ଦୁଇଜଣ ଯାକ ଇନ୍ଦଖୋଲି ପଟକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବହଳଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବହଳଦା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଡିଭାଇଡର୍‌ରେ ଧକ୍କା ହୋଇ ବାଇକ୍ ଆରୋହୀ ମୃତ

**ବାରିପଦା, ୧୨।୧(ସମିସ):** ୧୮ନଂ ଜାତୀୟ ରାଜପଥରେ ରାସ୍ତା ମଝିର ଡିଭାଇଡର୍‌କୁ ଧକ୍କା ଦେଇ ଆଜି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ, ଶୁଳିଆପଦା ଥାନା ଅନ୍ତର୍ଗତ ଭୋଲଷୋଲ ଗ୍ରାମର ରାଜେଶ କୁମାର ମୁର୍ମୁ (୨୨)। ଆହତ ଜଣଙ୍କ ହେଲେ, ଗୋବର୍ଦ୍ଧନଶୋଳର ତପନ କୁମାର ହାଁସଦା। ଦୁଇ ଜଣ ବାଇକ୍ ଯୋଗେ ଯାଉଥିବା ବେଳେ କୌଣସି କାରଣ ପାଇଁ କୁଳିଅଣା ଥାନା ଅଞ୍ଚଳରେ ଡିଭାଇଡର୍‌କୁ ଧକ୍କା ଦେଇଥିଲେ। ଫଳରେ ରାଜେଶଙ୍କ ପେଟରେ ମାଡ଼ ହୋଇଥିବା ବେଳେ ତପନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ରାଜେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତପନଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି।

## ମଦ ଜବତ, ୨ ଗିରଫ

**ବଡ଼ସାହି, ୧୨।୧(ସମିସ):** ବଡ଼ସାହି ଥାନା ଅଧୀନ ବଡ଼କେରକ ଛକ ଓ ଏହି ରାସ୍ତାରେ ବ୍ୟାପକ ଚୋରା ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରି ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୮.୭୬ ଲିଟର ବିଦେଶୀ ମଦ ଓ ଏକ ବାଇକ୍ ଜବତ କରାଯାଇଛି। ବାରିପଦା ଡିପାସାହି ଅଞ୍ଚଳର ମନୋଜ ସ ଓ ବଡସାହି ଥାନା ପ୍ରତାପପୁର ଗ୍ରାମର ରବୀନ୍ଦ୍ର ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# କାଠ ଚାଲାଣ; ୨ ଟ୍ରକ୍ ଜବତ

**କରଞ୍ଜିଆ, ୧୨।୧(ସମିସ)**





୧୦ ତାରିଖ ରାତିରେ କରଞ୍ଜିଆ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱ ଚଡେଇଭୋଳ ଗ୍ରାମରୁ ଚୋରାରେ କାଠ ଚାଲାଣ ସମୟରେ ଦୁଇଟି ଟ୍ରକ୍ ପୁଲିସ ଦ୍ୱାରା ଧରାପଡ଼ିଛି। ଟ୍ରକ୍ ୨ଟିରୁ ଲକ୍ଷାଧିକ ଟଙ୍କାର କାଠ ଜବତ ହୋଇଥିବାବେଳେ ଦୁଇ ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଦୁଇଟି ମାମଲା ରୁଜୁ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ମଧ୍ୟପ୍ରଦେଶ ବିଜିପୁରର ରାମଗୋପାଳ (୪୮) ଓ ହରିୟାଣାର ସୁବାସ (୫୨)। ଏହି କାଠ ଚଡେଇଭୋଳ ଗ୍ରାମରୁ ମଧ୍ୟପ୍ରଦେଶକୁ ଯାଉଥିବା ଟ୍ରକ୍‌ର ଦୁଇ ଚାଳକ କହିଛନ୍ତି। ଚଡେଇଭୋଳର ମହମ୍ମଦ ଜୈୟୁବଙ୍କ ପୁଅ ମହମ୍ମଦ ଜଲାଲଙ୍କ ନିର୍ଦ୍ଦେଶରେ କାଠ ନେଉଥିଲେ ବୋଲି ପୁଲିସର ତଦନ୍ତରେ କହିଥିଲେ।

ଗତ ୧୦ ତାରିଖ ରାତିରେ ଏଏସଆଇ ସାଲଖାନ ହେମ୍ବ୍ରମ ଓ କନଷ୍ଟେବଲ ରାମଚନ୍ଦ୍ର ପୂର୍ତ୍ତି, କର୍ମକର ମହାନ୍ତ ଚଡେଇଭୋଳ, ଘୋଷଦା, ମୁର୍ଗାପାଟ ଓ ମହାଦେବଦେଉଳି ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଚଡେଇଭୋଳ ଗ୍ରାମରୁ ଦୁଇଟି ଟ୍ରକ୍‌ରେ ଚୋରା କାଠ ଚାଲାଣ ହେଉଥିବା ଖବର ପାଇ ମୁର୍ଗାପାଟ ଗ୍ରାମ ପାଖରେ ଦୁଇଟି ଟ୍ରକ୍‌କୁ ଅଟକାଇଥିଲେ। ଟ୍ରକ୍ ଦୁଇଟି ପାଲରେ ଘୋଡ଼ାଯାଇଥିଲା। ଏହା ଖୋଲିବାରୁ ସେଥିରେ କାଠ ଓ କାଠ ଗଣ୍ଡି ଥିବା ଦେଖିବାକୁ ମିଳିଥିଲା। ଚାଲାଣ ହେଉଥିବା କାଠର କାଗଜପତ୍ର ମାଗିବାରୁ ଚାଳକ ଦେଖାଇ ପାରିନଥିଲେ। ସେମାନଙ୍କୁ ପଚାରିବାରୁ ସୁବାସ କହିଥିଲେ, ଚଡେଇଭୋଳର ମହମ୍ମଦ ଜଲାଲଙ୍କ ନିର୍ଦ୍ଦେଶରେ ଏହି କାଠ ମଧ୍ୟପ୍ରଦେଶକୁ ଯାଉଥିଲା। ଉକ୍ତ ଘଟଣାରେ କରଞ୍ଜିଆ ଥାନା ଅଧିକାରୀ ନିରୋଦ ମଲ୍ଲିକ ଦୁଇଟି ମାମଲା ରୁଜୁ କରି ଟ୍ରକ୍ ଦୁଇଟିକୁ ଜବତ କରିବା ସହିତ ଦୁଇ ଚଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ସାରସକଣା, ୧୨।୧ (ସମିସ):** ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରୀଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟା ପଦ୍ମଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବିଦ୍ୟାଳୟର ଆଚାର୍ଯ୍ୟା ସସ୍ମିତା ମାହାନ୍ତ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଉପଦେଷ୍ଟା ଅମୀୟ କୁମାର ଦ୍ୱାରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଚରିତ ବିଷୟରେ ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟା ଜାନିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଶ୍ରୀ ସିଂହ ବୈଦ୍ଧିକ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଇନ୍ଦ୍ରାବତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନଗୋବିନ୍ଦପୁର ପ୍ରିମିୟର ଲିଗ୍ 》ଦୁର୍ଗା ଲାୟନ୍ସ କ୍ଲବ୍ ଚାମ୍ପିଅନ

**ମାନଗୋବିନ୍ଦପୁର, ୧୨।୧(ସମିସ):** ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଆଡିଆସାହି ବରୁଣେଇ ଖେଳପଡ଼ିଆରେ ୧୦ଦିନ ଧରି ଚାଲିଥିବା ମାନଗୋବିନ୍ଦପୁର ପ୍ରିମିୟର ଲିଗ୍(ଏମ୍‌ପିଏଲ) ସିଜିନ-୩ରେ ଦୁର୍ଗା ଲାୟନ୍ସ କ୍ଲବ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦୁର୍ଗା ଲାୟନ୍ସ କ୍ଲବ ଦିବ୍ୟାନସ ଫାଇଟର୍ସ ଦଳକୁ ପରାସ୍ତ କରିଛି। ଫାଇନାଲ ମ୍ୟାଚ୍‌କୁ ସାଂସଦଙ୍କ ବଡ଼ସାହି ବ୍ଲକ ପ୍ରତିନିଧି ଶଶୀଶେଖର ପଣ୍ଡା, ବରିଷ୍ଠ ଶିକ୍ଷକ ପ୍ରଦୀପ ପରିଡ଼ା, ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମାନଗୋବିନ୍ଦପୁର ପଞ୍ଚାୟତର ସମିତି ସଭ୍ୟ ରାକେଶ ମହାପାତ୍ର ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମନୋଜ କୁମାର ପଣ୍ଡା, ନୀଳାଦ୍ରି ଦଣ୍ଡପାଟ, ଶିକ୍ଷକ କାର୍ତ୍ତିକ ଜେନା, ସମାଜସେବୀ ସ୍ୱରୂପ ପରିଡ଼ା, ବଡ଼ସାହି ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଦୀପକ କୁମାର ସାହୁ ଓ ତରୁଣ ରାଉତ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଦଳ ଓ ରନର୍ସ ଅପ୍ ଦଳକୁ ଯଥାକ୍ରମେ ୩୫ ହଜାର ଟଙ୍କା ଓ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟ ଶ୍ରେଷ୍ଠ ଖେଳାଳି ଓ ଅମ୍ପାୟାରଙ୍କୁ ମଧ ସମ୍ମାନିତ କରାଯାଇଥିଲା। କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




## ମକର ସଂକ୍ରାନ୍ତି ପାଇଁ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତି

**ବାରିପଦା, ୧୨।୧(ସମିସ):** ମଙ୍ଗଳବାର ମକର ସଂକ୍ରାନ୍ତି ନିମନ୍ତେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରଭୁ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିରରେ ସତନ୍ତ୍ର ବିଧି ଅନୁସାରେ ପୂଜାର୍ଚ୍ଚନା ହେବ। ମନ୍ଦିରରେ ମକର ଚାଉଳ ଭୋଗ ଲାଗିବ। ସତନ୍ତ୍ର ଭାବେ ନବାଙ୍ଗ ବେଢା ନୀତି ଅନୁଷ୍ଠିତ ହେବ। ସୋମବାର ସାଢେ ଚାରି ବେଢା ଓ ସଂକ୍ରାନ୍ତି ଦିନ ମଙ୍ଗଳବାର ବାକି ସାଢେ ଚାରି ବେଢା ମୋଟ ନଅ (ନବାଙ୍ଗ) ବେଢା ପରିକ୍ରମା କରିବେ। ରୀତିନୀତି ଅନୁଯାୟୀ ସକାଳୁ ମନ୍ଦିରର ପହଡ଼ ଖୋଲିବା ପରେ ସ୍ୱତନ୍ତ୍ର ଅବକାଶ ନୀତି ହୋଇଥାଏ। ସଂକ୍ରାନ୍ତିରେ ମହାଲକ୍ଷ୍ମୀ ବାପଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଥିବାବେଳେ ମଦନମୋହନଙ୍କ ସାଥିରେ ବେଢ଼ା ପରିକ୍ରମାରେ ସାମିଲ ହେବେ। ଏଥିସହିତ ମନ୍ଦିରର ଅନ୍ୟାନ୍ୟ ଦେବଦେବୀ ମଧ ପୂଜାର୍ଚ୍ଚନା କରାଯିବ। ମକର ଚାଉଳରେ ଗୁଡ଼, ଆଖୁ, ଦୁଧ, ଦହି, କେଶର ଆଳୁ, କନ୍ଦମୂଳ, ନଡ଼ିଆ, କଦଳୀ ସହ ଅନ୍ୟାନ୍ୟ ଫଳମୂଳ ଦ୍ୱାରା ପ୍ରସ୍ତୁତ ମକର ଚାଉଳର ଭୋଗ ଲାଗି ହେବ ବୋଲି ମନ୍ଦିର ପୂଜକ କହିଛନ୍ତି। ଏଥିସହିତ ମକର ସଂକ୍ରାନ୍ତି ପାଇଁ ସତନ୍ତ୍ର ଖେଚୁଡ଼ି ଭୋଗ ଲାଗିବାର କାର୍ଯ୍ୟକ୍ରମ ରହିଛି। ମନ୍ଦିରର ସମସ୍ତ ପୂଜକ ଓ ସେବାୟତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା ହୋଇଥାଏ। ପରେ ପୂର୍ବପରି ମନ୍ଦିରରେ ସନ୍ଧ୍ୟା ଧୂପ ଓ ରାତିରେ ପହଡ଼ ପଡ଼ିବ।



## ମୌନଧ୍ୱନି ଫାଉଣ୍ଡେସନ ପକ୍ଷରୁ ଜାତୀୟ ଯୁବ ଦିବସ




**ଉଦଳା, ୧୨।୧(ସମିସ):** ଉଦଳା ବ୍ଲକ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଜଡାକେନ୍ଦୁ ଗ୍ରାମରେ ମୌନଧ୍ୱନି ଫାଉଣ୍ଡେସନ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଯୁବକ/ଯୁବତୀଙ୍କ ମଧ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫାଉଣ୍ଡେସନର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ ଯୋଗଦେଇ ଯୁବକଙ୍କୁ ପରାମର୍ଶ ଦେଇ କହିଥିଲେ, ଯୁବକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ। ସମାଜର ସେବା କରିବାକୁ ଯୁବକମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଆମ ଭାରତ ହେଉଛି ଯୁବକଙ୍କ ଦେଶ। ଭାରତରେ ବିଶ୍ୱର ସବୁଠୁ ବଡ଼ ଯୁବଶକ୍ତି। ଫଳରେ ଆମ ଦେଶରେ ବିପୁଳ ଶ୍ରମଶକ୍ତି ଉପଲବ୍ଧ। ଦେଶର ଯୁବଶକ୍ତିକୁ ଉଚିତ ମାର୍ଗଦର୍ଶନ କରି ବିକାଶରେ ଭାଗୀଦାରି କରାଯାଇପାରିଲେ ବିକଶିତ ରାଷ୍ଟ୍ର ହେବାକୁ ଆମକୁ ବେଶୀ ସମୟ ଲାଗିବନି। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତୀକରଣ ଲୋଡା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ ବୋଲି ସେ ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆକାଶ କୁମାର ମହାନ୍ତ, ନିରୁପମା ସାହୁ, ଦେବେନ୍ଦ୍ର ରାଉଳ, ସାବିତ୍ରୀ ସିଂ, ଭାରତୀ ସିଂ, ନୀଳମଣି ସିଂ, ବିଜୟ ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ରାଇରଙ୍ଗପୁର କଲେଜରେ ଯୁବ ରେଡ୍‌କ୍ରସ ଶିବିର ଉଦ୍‌ଯାପିତ




**ରାଇରଙ୍ଗପୁର, ୧୨।୧(ସମିସ):** ସ୍ଥାନୀୟ ରାଇରଙ୍ଗପୁର କଲେଜରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସୁନୀଲ ଜେନାଙ୍କ ପୌରୋହିତ୍ୟରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲା ଯୁବ ରେଡ୍‌କ୍ରସ କୋର୍ଡିନେଟର ଡ. ପ୍ରଦୀପ୍ତ ଷଡଙ୍ଗୀ, ମୟୂରଭଞ୍ଜ ଜିଲ୍ଲା କୋର୍ଡିନେଟର ଡ. ଦିଲ୍ଲୀପ ଭୋଇ ଯୋଗଦେଇ ଏହି ପ୍ରଶିକ୍ଷଣ ପ୍ରକୃତ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ଦିବସରେ ବିଷୟ ବିଶେଷଜ୍ଞ ଭାବେ ମାନସ ବେହେରା, ଡ. ପ୍ରଦୀପ୍ତ ଷଡ଼ଙ୍ଗୀ, ରାଜେଶ ଦାଶ, ଆଡ଼ଭୋକେଟ ଶର୍ମିଷ୍ଠା ପଣ୍ଡା, ଝରାଡ଼ିହି ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣି, ବୈକୁଣ୍ଠନାଥ ସାଲ, ଜଳେନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ରେଡ୍‌କ୍ରସର ଇତିହାସ, ଫାଷ୍ଟଏଡ୍, ସଡ଼କ ସୁରକ୍ଷା, ସାଇବର ସୁରକ୍ଷା, ଅନ୍ଧବିଶ୍ୱାସ ଦୂରୀକରଣ, ରକ୍ତଦାନ, ଏଡ୍‌ସ ସଚେତନତା ଆଦି ବିଷୟରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ବିଷୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ, ଲୋକ ନୃତ୍ୟ, ଚିତାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

## ଆମ୍ବଗଡ଼ିଆ ସ୍କୁଲରେ ଜାତୀୟ ଯୁବ ଦିବସ

**ବୈଶିଙ୍ଗା, ୧୨।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆସ୍ଥ ପ୍ରାଥମିକ ସ୍କୁଲରେ ଜାତୀୟଯୁବଦିବସପାଳିତହୋଇଯାଇଛି। ପିଲାଙ୍କ ମଧ୍ୟରେ ସୃଜନଶକ୍ତିର ବିକାଶ ସାଙ୍ଗକୁ ଜାତୀୟ ଯୁବ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବକ୍ତୃତା, କୁଇଜ, ତର୍କ ଭଳି ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ, ଜ୍ଞାନ, ଗାରିମା ଓ ଶିକ୍ଷା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ଶରତ କୁମାର ମହାନ୍ତ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅଭିଳାଷ ସିଂ, ପ୍ରଶାନ୍ତ ବେହେରା, ମାନସ ପରିଡ଼ା, ହରେକୃଷ୍ଣ ନାଥ ପ୍ରମୁଖ ଯୋଗ ଦେଇଥିଲେ।



### ପାଣିପଞ୍ଚାୟତ ବୈଠକରେ ଯୋଗଦେଲେ ୨ ବିଧାୟକ

# ଜଳଧାରଣ କ୍ଷମତା ପାଇଁ ହେବ ସମ୍ପୂର୍ଣ୍ଣ ପଙ୍କୋଦ୍ଧାର




**ବାରିପଦା/ବେତନଟୀ, ୧୨।୧(ସମିସ)**

ବାରିପଦା ବ୍ଲକ ଅଧୀନ ବଡ଼ଯୋଡ଼ ଠାରେ ବଡ଼ଯୋଡ଼ ବନ୍ଧ ଶୀର୍ଷକମିଟି ପକ୍ଷରୁ ରବିବାର ପାଣି ପଞ୍ଚାୟତ ବୈଠକ ଆୟୋଜିତ ହୋଇଯାଇଛି। ବଡ଼ଯୋଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଚାରିଗୋଟି ପାଣିପଞ୍ଚାୟତକୁ ନେଇ ଶୀର୍ଷ କମିଟି ଗଠିତ ହୋଇଛି। ଶୀର୍ଷକମିଟି ସଭାପତି ନଳୀନ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ତଥା ଜିଲ୍ଲାପରିଷଦ କାଳୀଚରଣ ନାଏକ ସଂଯୋଜନା କରିଥିଲେ। ଏହି ବୈଠକରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସଦର ବିଧାୟକ ପ୍ରକାଶ ସୋରେନ ଏବଂ ସାରସକଣା ବିଧାୟକ ଭାଦବ ହାଁସଦା, ବିଜେପିର ଜିଲ୍ଲା ଉପସଭାପତି ପରେଶଚନ୍ଦ୍ର ମହାନ୍ତ, ବେତନଟୀ କ୍ଷୁଦ୍ର ଜଳସେଚନ ବିଭାଗର କର୍ମଚାରୀଙ୍କ ସମେତ ଚାରିଗୋଟି ପାଣିପଞ୍ଚାୟତରୁ ଚାଷୀ ଭାଇଭଉଣୀମାନେ ଅଂଶଗ୍ରହଣ କରିଥିଲେ। ଚାଷ ଏବଂ ଚାଷୀଙ୍କ ଉନ୍ନତିକଳ୍ପେ କେନାଲ ଏବଂ ବନ୍ଧର ଆବଶ୍ୟକତା ଏବଂ ଉନ୍ନତିକରଣ ଉପରେ ଚାଷୀ ଭାଇଭଉଣୀମାନେ ଉଭୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବଡ଼ଯୋଡ଼ ବନ୍ଧର ଉନ୍ନତୀକରଣ ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ ଅଦ୍ୟାବଧି ହୋଇପାରୁନଥିବାରୁ କ୍ରମଶଃ ଏହାର ଜଳଧାରଣ କ୍ଷମତା ଆଶାତୀତ ଭାବରେ ହ୍ରାସଘଟି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଫଳରେ ଗ୍ରୀଷ୍ମଋତୁରେ କେନାଲରେ ପାଣି ସମସ୍ୟା ଦେଖାଦେଉଥିବା ବେଳେ ମଧୁରଜଳ ମାଛଚାଷକୁ ମଧ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିଛି। ପାଣି ପଞ୍ଚାୟତ କମିଟିର କାର୍ଯ୍ୟକର୍ତ୍ତା,

### ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହେବ ସୌନ୍ଦର୍ଯ୍ୟକରଣ

ଚାଷୀ ଭାଇଭଉଣୀ, ସ୍ଥାନୀୟ ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ବଡ଼ଯୋଡ଼ ବନ୍ଧର ସମ୍ପୂର୍ଣ୍ଣ ପଙ୍କଉଦ୍ଧାର କାର୍ଯ୍ୟ ସାଙ୍ଗକୁ କେନାଲ ଓ ମୁଖ୍ୟ ଆଡିବନ୍ଧର ଉଚ୍ଚତା ବୃଦ୍ଧି କରାଯିବା ନେଇ ଜିଲ୍ଲାପ୍ରଶାସନ ସହିତ ଆଲୋଚନା ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହାର ସୌନ୍ଦର୍ଯ୍ୟକରଣ ମଧ କରାଯିବା ଉପରେ ଗୁରୁତ୍ୱ ଦିଆଯିବା ନେଇ ବିଧାୟକ ସୂଚନା ଦେଇଛନ୍ତି। ଆଗକୁ ଚାଷ ଏବଂ ଚାଷୀଙ୍କ ଉନ୍ନତିକଳ୍ପେ ଶୀର୍ଷକମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ନେଇ ଆଲୋଚନାରେ ମତ ପ୍ରକାଶ ପାଇଥିଲା।



● ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ

## ନାବାଳକ ଅଟକ

**ତେଲକୋଇ,୧୨ା୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଧୀନରେ ଜଣେ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ତେଲକୋଇ ଥାନା ପୁଲିସ ଅଭିଯୁକ୍ତ ନାବାଳକକୁ ଆଣି ଜେଜେବି ପଠାଇଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ନାବାଳକ ଶନିବାର ଅପରାହ୍ନରେ ଗଛ ପାଖ ଜଙ୍ଗଲରେ ଛେଳି ଚରାଉଥିଲା। ସେଠାରେ ଶିଶୁକନ୍ୟାକୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ଘଟଣା ଜଣା ପଡ଼ିବା ପରେ ଶିଶୁ କନ୍ୟାର ପରିବାର ଲୋକ ଶିଶୁକନ୍ୟାକୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପଟେ ପୀଡ଼ିତ ଶିଶୁ କନ୍ୟାର ଅବସ୍ଥା ସାମାନ୍ୟ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଛି।

## ଜାତୀୟ ଯୁବ ଦିବସ ପାଳିତ



**ତେଲକୋଇ,୧୨ା୧(ସମିସ):** ଚଳିତବର୍ଷ ରମାଦେବୀ ଗ୍ରାମ୍ୟ ବିକାଶ ସଂଗଠନ (ଆରଭିଡ଼ିଓ) ଆନୁକୂଲ୍ୟରେ ଓ ଚାଇଲଡ୍ ଫଣ୍ଡ ସହାୟତାରେ ଜଟ ଉଚ୍ଚ ବିଦ୍ୟାଳୟଠାରେ ଆଜି ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବ୍ଲକର ୩୫ଟି ଗ୍ରାମରୁ ୧୮୦ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ଚାରିଗଡ ମହାବିଦ୍ୟାଳୟ ତେଲକୋଇ- ମାନଗୋବିନ୍ଦ ସାହୁ, ଓକିଲ ଦିବ୍ୟସୁନ୍ଦର ପ୍ରଧାନ , ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ଇନ୍ଦିରା ସାହୁ , ତେଲକୋଇ ସରପଞ୍ଚ ରଶ୍ମିତା ନାୟକ , ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ଉପସ୍ଥିତ ରହି ଯୁବକ ଯୁବତୀ ମାନଙ୍କୁ ଭବିଷ୍ୟତରେ ଦେଶ ଗଠନରେ କିଭଳି ଭୂମିକା ନିର୍ବାହ କରିବେ ଓ ଚଳିତବର୍ଷର ବିଷୟବସ୍ତୁ ଉପରେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ପରିଡ଼ା ଅନୁଷ୍ଠାନର କାର୍ଯ୍ୟକ୍ରମ ତଥା ଯୁବକ ଯୁବତୀ ମାନେ କିପରି ସ୍ୱାବଲବୀ ହେବେ ଆଲୋକପାତ କରିଥିଲେ। ସେହିପରି କେନ୍ଦୁଝର ଶିଶୁ ବିକାଶ ପ୍ରକଳ୍ପ କ୍ଷେତ୍ର ଅଧିକାରୀ ପ୍ରଣୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଶେଷରେ ଯୁବକଯୁବତୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା ମୂଳକ ନାଟକ ସହିତ, ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ବେଲବାହାଲି,୧୨ା୧(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘଷିପୁରା ବ୍ଲକ୍ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ପତି, ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ, ସମ୍ମାନୀତ ଅତିଥି ଭାବେ ଚମ୍ପୁଆ ବ୍ଲକ୍‌ର ଅବସରପ୍ରାପ୍ତ ଡି.ଆଇ ଅର୍ଜୁନ ଚରଣ ବେହେରା, ବେଲବାହାଲି ସରପଞ୍ଚ ଦୀପ୍ତି ସାହୁ, ସାମାଜିକ କର୍ମୀ ବିଦ୍ୟାଧର ମଣ୍ଡଳ, ପରିଚାଳନା କମିଟିର ସଭାପତି ମାନସ ରଞ୍ଜନ ସାହୁ, ଘଷିପୁରା ଓଷ୍ଟା ସମ୍ପାଦକ ନାରାୟଣ ସାହୁ ଯୋଗଦେଇ ବିବେକାନନ୍ଦ ଓ ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୁଳମଣୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପୋଲର ନାହିଁ ସୁରକ୍ଷା ବାଡ଼ା



**ସୋସୋ,୧୨ା୧(ସମିସ):** ହାଟଡିହୀ ବ୍ଲକର ବିଦ୍ୟାଧରପୁର ଜଳସେଚନ ବିଭାଗ ଅଧୀନରେ ଥିବା ବିଦ୍ୟାଧରପୁର ଠାରୁ ଆମ୍ବଗଡିଆ କେନାଲ ରାସ୍ତା ଉପରେ ଥିବା ଏକ ପୋଲର ସୁରକ୍ଷା ବାଡା ନଥିବାରୁ ବିପଦ ସୃଷ୍ଟି କରୁଥିବା ବେଳେ କିଛି ଦିନ ତଳେ ଜଣେ ଯୁବକ ପୋଲ ତଳୁ ଖସି ପଡି ଗୁରୁତର ହୋଇଥିଲେ। ଏହିପରି ବହୁ ସମୟରେ ଦୁର୍ଘଟଣା ଘଟିବା ସହିତ ଗୋରୁଗାଈ ସେଠାରେ ଖସି ପଡୁଛନ୍ତି। କିନ୍ତୁ ସେହି ରାସ୍ତାରେ ଥିବା ଏକ ପୋଲର ସୁରକ୍ଷା ବାଡା ନଥିବାରୁ ବିପଦ ସୃଷ୍ଟିକରିଛି। ଏହି ରାସ୍ତା ଉପରେ ଶହଶହ ଲୋକ ନିର୍ଭର କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ସୁରକ୍ଷା ବାଡା ନଥିବାରୁ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ବିଭାଗୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପୋଲ ପାଶ୍ୱର୍ରେ ସୁରକ୍ଷା ବାଡା ନିର୍ମାଣ କରିବାକୁ ଦାବି ହେଉଛି।

ଦୁରୁମୁଙ୍ଗାରେ ନୂତନ ବ୍ଲକ ଗଠନ ଦାବି

# ଏକାଠି ହେଲେ ୧୫ ପଞ୍ଚାୟତର ଜନପ୍ରତିନିଧି

**ଦୁରୁମୁଙ୍ଗା,୧୨ା୧(ସମିସ)**



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଦୁରୁମୁଙ୍ଗା ଠାରେ ନୂତନ ବ୍ଲକ ନିର୍ମାଣ ପାଇଁ ଦାବି ଜୋର ଧରିଛି। ଏନେଇ ରବିବାର ଦୁରୁମୁଙ୍ଗା ଦଧିବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ପାଟଣା, ଚମ୍ପୁଆ, ଝୁମ୍ପୁରା ଏବଂ ସାହାରପଡା ବ୍ଲକ ଅଧୀନସ୍ଥ ୧୫ ପଞ୍ଚାୟତର ଜନପ୍ରତିନିଧି ଏକାଠି ହୋଇ ଏକ ସଭା କରିଥିଲେ। ଆଗାମୀ ଦିନରେ ଦୁରୁମୁଙ୍ଗାରେ ନୂତନ ବ୍ଲକ ଗଠନ ପାଇଁ ଆଲୋଚନା ସହ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବାକୁ ବୈଠକରେ ଆଲୋଚନା ହେବାସହ ଅଗାମୀ ଦିନରେ ଏଠାରେ ବ୍ଲକ ହେଲେ ଅଞ୍ଚଳରେ ଲୋକେ ଉପକୃତ ହେବା ସହ ମୌଳିକ ସୁବିଧା ପାଇପାରିବେ ବୋଲି ଆଲୋଚନା ହୋଇଥିଲା।

ସୂଚନା ଯୋଗ୍ୟ ଯେ, ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ପାଟଣାରେ ୧୯୬୦ ମସିହାରେ ବ୍ଲକ ସ୍ଥାପନ ହୋଇଥିଲା। ୪୧ହଜାର ୭୩୯.୬ ହେକ୍ଟର ପରିମିତ ତଥା ୨୦ଟି ଗ୍ରାମପଞ୍ଚାୟତର ଏବଂ ୧୫୪ଟି ରାଜସ୍ୱ ଗ୍ରାମକୁ ନେଇ ଏହି ବ୍ଲକ ଗଠିତ ହୋଇଥିଲା। ତେବେ ପାଟଣା ପଞ୍ଚାୟତ ସମିତି ଠାରୁ ଦୁରୁମୁଙ୍ଗା, ବୁଢୀକାପୁଡି,ଚେମେଣା, ବାଉଁଶୁଳି, ଖିରେଇ, ଟାଙ୍ଗିରୀ ଆଦି ପଞ୍ଚାୟତ ପ୍ରାୟ ୩୦ କିମିରୁ ଅଧିକ ଦୂରତା ହୋଇଥିବାରୁ ପଞ୍ଚାୟତ ସମିତିର ବହୁ ଜରୁରୀ କାର୍ଯ୍ୟ ନିମନ୍ତେ ବାରମ୍ବାର ଯିବାକୁ ଉକ୍ତ ପଞ୍ଚାୟତବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଦୁରୁମୁଙ୍ଗା ଗ୍ରାମପଞ୍ଚାୟତ ପାଟଣା ପଞ୍ଚାୟତ ସମିତିର ଏକ ମୁଖ୍ୟ ଅଞ୍ଚଳ ଓ ଏହା ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ରହିଛି। ଦୁରୁମୁଙ୍ଗାଠାରୁ ଜିଲ୍ଲା, ରାଜ୍ୟ ଏବଂ ଦେଶର କୌଣସି ସ୍ଥାନକୁ ଗମନାଗମନର ସୁବିଧା ରହିଥିବାରୁ ଆଖପାଖ ଅନେକ ଗ୍ରାମପଞ୍ଚାୟତ ସମେତ ପଡୋଶୀ ସାହାରପଡା, ଚମ୍ପୁଆ, ଝୁମ୍ପୁରା ଏବଂ ମୟୁରଭଞ୍ଜ ଜିଲ୍ଲାର ଜନସାଧାରଣ ଦୁରୁମୁଙ୍ଗା ଉପରେ ନିର୍ଭର କରିଥାନ୍ତି। ଦୁରୁମୁଙ୍ଗାରେ ନୂତନ ପଞ୍ଚାୟତ ସମିତି ଗଠନ ନିମନ୍ତେ ବୈଠକରେ ପାଟଣା ନିର୍ବାଚନମଣ୍ଡଳୀର ୧୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ କୈବଲ୍ୟ ଚରଣ ସାହୁ, ଅଶୋକ କୁମାର ସାହୁ, ଗୌତମ ସାହୁ, ପ୍ରଫୁଲ୍ଲ ବେହେରା, ଅର୍ଜୁନ ସାହୁ, ଅରୁଣ ସାହୁ ବଳଭଦ୍ର ନାଏକଙ୍କ ସମେତ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ନାଏକ, କୀର୍ତ୍ତନ ବିହାରୀ ସାହୁ, ରତିକାନ୍ତ ସାହୁ, ମୋଚିରାମ ସାହୁ, ଦିଲ୍ଲୀପ କୁମାର ସାହୁ, ରାମଚନ୍ଦ୍ର ସାହୁ, ଭରତ ସାହୁ, ପ୍ରମୋଦ ସାହୁ, ଅରୁଣ ସାହୁ, ଅଯୋଧ୍ୟା ପୃଷ୍ଟି, ରତିରଞ୍ଜନ ପୃଷ୍ଟି, ଇନ୍ଦ୍ରଜିତ ସାହୁଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ଲୋକେ ଉପସ୍ଥିତ ଥିଲେ। ଏନେଇ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦୁରୁମୁଙ୍ଗାରେ ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଆନନ୍ଦପୁର ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ସମ୍ମିଳନୀ



**ଆନନ୍ଦପୁର,୧୨ା୧(ସମିସ):** ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ସମ୍ମିଳନୀ ଓ କାର୍ଯ୍ୟକାରୀ ବୈଠକ ସ୍ଥାନୀୟ ଶ୍ରୀ ଉତ୍ତରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ପଣ୍ଡିତ ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀର ସଭାକୁ ଆଇନଜୀବୀ ଭାଗିରଥୀ ଦାଶ ସଂଚାଳନ କରିଥିଲେ। ସଂଯୋଜକ ମଦନ ମୋହନ ମିଶ୍ରଙ୍କ ସଂଘୀୟ ସୂଚନା ପ୍ରଦାନ ପରେ ସଂପାଦକ ଦିଲ୍ଲିପ କୁମାର ମିଶ୍ର ମହାସଭାର ବିବରଣୀ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଉପସ୍ଥାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ମିଶ୍ର ରାଜ୍ୟ ବ୍ରାହ୍ମଣ ଭବନ ପାଇଁ ଅର୍ଘ୍ୟ ଅର୍ଥ ଦାନ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ବ୍ରାହ୍ମଣ ମହାସଭାର ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ପୁରୀଠାରେ ମହାସଭାର ନିଜସ୍ୱ ଜମିରେ ନୂତନ ଗୃହ ନିର୍ମାଣ , ବିଭିନ୍ନ ଦେବାଦେବୀ ମନ୍ଦିରରେ ଥିବା ପୂଜକ ମାନଙ୍କୁ ମାସିକ ୨୦ହଜାର ଟଙ୍କା ଭତ୍ତା ଓ ପୁରୋହିତ କର୍ମକାଣ୍ଡ ଶିକ୍ଷା ଓ ତାଲିମ୍ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଏକ ତାଲିମ୍ ଅନୁଷ୍ଠାନ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଶେଷ ଅତିଥିଭାବେ ଭୁବନେଶ୍ୱର ବ୍ରାହ୍ମଣ ମହାସଭାର ସଭାପତି ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇ ପ୍ରତ୍ୟେକ ବୈ÷ଠକରେ ସ୍ୱାଭିମାନ ରକ୍ଷା ସଂପର୍କିତ ଆଲୋଚନା କରିବାକୁ ମତାମତ ଦେଇଥିଲେ। ସଭାରେ ଉପଦେଷ୍ଟା ଶରତ ଚନ୍ଦ୍ର ମିଶ୍ର, ତ୍ରିଲୋଚନ ଦାଶ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ହଳଧର ପଣ୍ଡା, ଚିତ୍ତରଂଜନ ଦାଶ, ସୁଶିଲ କୁମାର ହୋତା, ମଧୁସୂଦନ ମିଶ୍ର ଯୋଗ ଦେଇ ପ୍ରତ୍ୟେକ ବ୍ରାହ୍ମଣ ଶାସନରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରି ଗୀତା, ଭାଗବତ ଓ ରାମାୟଣ ନିୟମିତ ପାଠ କରିବାକୁ ଜାଗରଣ ସୃଷ୍ଟି କରାଯାଉ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ



**ଆନନ୍ଦପୁର,୧୨ା୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସେମିନାର ହଲରେ ଜାତୀୟ ଯୁବ ଦିବସକୁ ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ଼କ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଡ଼କ୍ଟର ହରିଶ ଚନ୍ଦ୍ର ବାରିକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରଫେସର ଶ୍ରୀନିବାସ ମିଶ୍ର, ସମ୍ମାନିତ ଅତିଥି ଭାବେ ଡ଼କ୍ଟର ନିମାଇଁ ଚରଣ ରାଉତ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ବାଣୀ ଛାତ୍ରଛାତ୍ରୀଅନୁସରଣ କରି ସମାଜ ଓ ଦେଶ ଗଠନରେ ନିଜର କର୍ତ୍ତବ୍ୟ ପାଳନ ପାଇଁ ଉପଦେଶ ଦେଇଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନ ପ୍ରଦାନ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ରଘୁଦୀପ୍ତି ନାୟକ ସଭା ସଂଯୋଜନା କରିଥିବା ବେଳେ ଯୁବରେଡକ୍ରସର ଅନ୍ୟତମ ଉପଦେଷ୍ଟା ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କାରିଥିଲେ।

## ଓରାଳିଠାରେ ଶ୍ରୀରାମ ଟ୍ରଷ୍ଟର ଶୁଭାରମ୍ଭ



**ହାଟଡ଼ିହୀ/ସୋସୋ,୧୨ା୧(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଓରାଳି ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଟ୍ରଷ୍ଟର ଶୁଭାରମ୍ଭ ହୋଇଯାଇଛି। ଟ୍ରଷ୍ଟର ସଭାପତି ରମେଶ ଚନ୍ଦ୍ର ସେଠୀ, ସମ୍ପାଦକ ରାଜୀବ କୁମାର ସାହୁ, ସହ-ସମ୍ପାଦକ ରମେଶ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନୀତ ଅତିଥିଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ, ଆନନ୍ଦପୁର ଏସଡ଼ିପିଓ ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଅନିଲ କୁମାର ସିଂ, ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମିତିସଭ୍ୟ ଦେବବ୍ରତ ବେହେରା, ଶିକ୍ଷକ ସୁଦର୍ଶନ ସେଠୀଙ୍କ ସହ ଭାଗିରଥି ଓଝା, ପ୍ରତାପ ଜେନା, ଅରୁଣ ପ୍ରଧାନ, ହେମନ୍ତ ସିଂ, ସୁଧାଂଶୁ ଶେଖର ଦକ୍ଷିଣରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ତୈଳ ଫଟୋଚିତ୍ରରେ ମୁଖ୍ୟ ଓ ସମ୍ମାନୀତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଟ୍ରଷ୍ଟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କ କରକମଳରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସୁଧାଂଶୁ ଦକ୍ଷିଣରାୟ (ଟୁଟୁ) ମଞ୍ଚ ପରିଚାଳନା କରିଥିଲା ବେଳେ ଦେବବ୍ରତ ବେହେରା ପୂର୍ଣ୍ଣ ସହପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଟ୍ରଷ୍ଟର ସଦସ୍ୟ ମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ମହାନ୍ତି, ହୃଷିକେଶ ରାଉତ, ଅଜୟ କୁମାର ପହି, ପରେଶ କୁମାର ଜେନା, ମୃତ୍ୟୁଞ୍ଜୟ ନାୟକ, ସଦାନନ୍ଦ ଲେଙ୍କା, ବଳରାମ ରାଉତ, ପ୍ରଭାତ କୁମାର ଜେନା, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ହାଟଡ଼ିହୀ କଲେଜରେ ଜାତୀୟ ଯୁବ ଦିବସ

**ହାଟଡ଼ିହୀ,୧୨ା୧(ସମିସ):** ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟଠାରେ ଅସ୍ୱାୟାର ପକ୍ଷରୁ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶିକ୍ଷା ସଚେତନ ଶୋଭାଯାତ୍ରା ଛେନାପଦି ଛକରୁ ବାହାରି ହାଟଡ଼ିହୀ କଲେଜ ଠାରେ ପହଁଞ୍ଚିଥିଲା। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନକୁଳ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଦିବ୍ୟାଙ୍ଗ ଅଲମ୍ପିକରେ ସ୍ୱର୍ଣ୍ଣପଦକ ବିଜେତା ବିକ୍ରମାଦିତ୍ୟ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ବ୍ଲକ ଅଧ୍ୟକ୍ଷ ଧିରେନ୍ଦ୍ରନାଥ ଖଟୁଆ, ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ ପ୍ରମୁଖ ଯୋଗଦେଇ ଯୁବଦିବସ ସମ୍ପର୍କୀୟ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅସ୍ୱାୟାର ବ୍ଲକ ସଂଯୋଜକ କୃପାସିନ୍ଧୁ ସିଂ, ଶିକ୍ଷା ସଂଯୋଜକ ଦୁଷ୍ମନ୍ତ କୁମାର ସାହୁ, ଆଇସିଡ଼ିଏସ ଜୀବନଜ୍ୟୋତି ରାଉତ, ଏମଆଇଏସ ସୁମିତ ସୁବାଶିଷ ପାତ୍ର, ସିଏଫ ଆଦିତ୍ୟ ରଞ୍ଜନ ପଟ୍ଟନାୟକ, ଦଶରଥ ମାଝୀ, ଯୁବରାଜ ଖଜୁରିଆ, ବିପିନି କୁଅଁର, ଏଲଏଫ ପ୍ରିୟଦର୍ଶିନୀ ପରିଡା, ନାରାୟଣ ପାତ୍ର, ମମତା ରାଉତ, ଅରବିନ୍ଦ ସାହୁ, ଅଜୟ ଭୁତିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଆନନ୍ଦପୁର,୧୨ା୧(ସମିସ):** ଆନନ୍ଦପୁର ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚବିଦ୍ୟାଳୟର ୧୯୮୪ ମାଟ୍ରିକ ବ୍ୟାଚର ପରିବାର ବନ୍ଧୁ ମିଳନ ଓ ଆଲୋଚନାଚକ୍ର ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିରଞ୍ଚି ପାତ୍ର, ଅଜିତ ନାୟକ, ଅଜୟ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପୁରାତନ ଛାତ୍ର ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଦୁଃଖବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ।



ପ୍ରଥମେ ପୁରାତନ ଛାତ୍ର ମାନଙ୍କ ଦ୍ୱାରା ବଳଭଦ୍ର ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଦୀପ ପ୍ରଜ୍ୱଳନ ଓ ଗୁରୁବନ୍ଦନା ଗାନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୁରାତନ ଛାତ୍ର ମାନଙ୍କ ଦ୍ୱାରା ଉପଢୌକାନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବନ୍ଧୁ ଓ ପରିବାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସରୋଜ କିଶୋର ସିଂ, ତାପସ କୁମାର ମହାପାତ୍ର, ତ୍ରିଲୋଚନ ମହାପାତ୍ର, ଖଗେଶ୍ୱର ସାହୁ, ବଳଭଦ୍ର ବାରିକ, ବସନ୍ତ ସାହୁ, ଅନକର ନାୟକଙ୍କ ସମେତ ବହୁ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

## ଶାଳପଡ଼ା ଅଣ୍ଡର୍ ପାସ୍ ପାଇଁ ବାଇପାସ୍‌ରେ ଟ୍ରାଫିକ୍ ଜାମ୍

**ଆନନ୍ଦପୁର,୧୨ା୧(ସମିସ):** ୨୦ ନମ୍ବର ଜାତୀୟ ରାଜପଥରେ ରାସ୍ତା ନିର୍ମାଣ ଜନିତ ତ୍ରୁଟି ଓ ଆବଶ୍ୟକ ସମୟରେ ରାସ୍ତା ମରାମତିର ଅଭାବ ଯୋଗୁ ବିଭିନ୍ନ ସମୟରେ ହେଉଥିବା ଦୁର୍ଘଟଣା ଭଳି ସମ୍ବେଦନଶୀଳ ସମସ୍ୟା ପ୍ରତି ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶାଳପଡାଠାରେ ନିର୍ମାଣାଧିନ ଅଣ୍ଡର ପାସ୍ ପାଇଁ ଜାତୀୟ ରାଜପଥକୁ ବନ୍ଦ କରାଯାଇଛି। ହେଲେ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହେଉନଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେଲାଣି। ଦୁଇପାଶ୍ୱର୍ରେ ଥିବା ସର୍ଭିସ ରୋଡରେ ଯାନବାହନ ଚଳାଚଳ କରୁଥିବାରୁ ସୁଢ଼ୁସୁଡିଆ ବାଇପାସ୍ ଛକରେ ଟ୍ରାଫିକ୍ ଜାମ ଜନିତ ସମସ୍ୟା ସବୁ ସମୟରେ ଲାଗି ରହିଛି। ଆଜକୁ ପ୍ରାୟ ସପ୍ତାହେ ହେବ ଏପରି ଟ୍ରାଫିକ୍ ଜାମ୍ ଲାଗି ରହିଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁନଥିବା ଚିନ୍ତାର କାରଣ ହୋଇଛି। କେନ୍ଦୁଝରର ଲାଇଫଲାଇନ୍ କୁହାଯାଉଥିବା ଜାତୀୟ ରାଜପଥ ୨୦ର କେନ୍ଦୁଝର-ପାଣିକୋଇଲି ମୁଖ୍ୟରାସ୍ତା ପାଶ୍ୱର୍ରେ ବିଭିନ୍ନ ସ୍ଥାନରେ ବର୍ଷାରେ ଧୋଇ ଯାଇଥିବାବେଳେ ୪ମାସ ପରେ ମଧ୍ୟ ମରାମତି ହୋଇପାରି ନାହିଁ। ଜାତୀୟ ରାଜପଥ ପ୍ରାଧିକରଣ କେବଳ ଟୋଲ ଆଦାୟକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏହି ରାସ୍ତା ନିର୍ମାଣ ଜନିତ ଅବହେଳା ଓ ତ୍ରୁଟି ପାଇଁ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ପ୍ରତିଦିନ ଏହି ରାସ୍ତାରେ ଜାତୀୟ ରାଜପଥ ବିଭାଗର ପେଟ୍ରୋଲିଂ କରାଯାଉଥିଲେ ମଧ୍ୟ ଏହା ଯନ୍ତ୍ରୀମାନଙ୍କ ଦୃଷ୍ଟିରେ ପଡୁନଥିବା ପରିତାପର ବିଷୟ।

ଅଗ୍ରଗତି ହେଉନାହିଁ ନିର୍ମାଣ କାର୍ଯ୍ୟ

ବାଉଁଶୂଳୀ ପ୍ରିମିୟର ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଅମନ୍ ଏକାଦଶ ଚାମ୍ପିଅନ୍

**ଦୁରୁମୁଙ୍ଗା,୧୨ା୧(ସମିସ):**



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଉଁଶୂଳୀ ଗ୍ରାମର ବାଉଁଶୂଳୀ କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ ବାଉଁଶୂଳୀ ପ୍ରିମିୟର ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଚଢ଼େଇଭୋଳ ଏକାଦଶ ଏବଂ ଅମନ ଏକାଦଶ କଇଁସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚଢେଇଭୋଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଅମନ୍ ଏକାଦଶ କଇଁସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ କରିଥିଲା। ଚଢ଼େଇଭୋଳ ଏକାଦଶ ନିର୍ଦ୍ଧାରିତ ୧୨ ଓଭରରେ ୮ଉଇକେଟ୍ ହରାଇ ମାତ୍ର ୧୦୫ ରନ୍ କରି ପରାଜୟ ବରଣ କରିଥିଲା। ବିଜେତା ଦଳକୁ ନଗଦ ୩୦ହଜାର ୧ ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୨୦ହଜାର ୧ଟଙ୍କା, ୩ୟ ଓ ୪ର୍ଥ ଭାବରେ ବିବିସି ୱାରିୟର୍ସ ବାଲିଆଗୋଡା ଓ ଏସ୍‌ସିଏସ୍ ଏକାଦଶ ଆସୁରିଆକୁ ନଗଦ ୬ହଜାରଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନୀତ ଅତିଥି ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଦୋଳେଶ୍ୱର ନାଏକ, ମକରଧ୍ୱଜ ନାଏକ, ଧନୁର୍ଜୟ ମହାନ୍ତ, ବିଦ୍ୟାଧର ନାଏକ ଓ କମଳଲୋଚନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଚମ୍ପୁଆରେ ସମ୍ଭାଗସ୍ତରୀୟ ଖେଳକୁଦ ଉଦ୍‌ଯାପିତ



**ଚମ୍ପୁଆ,୧୨ା୧(ସମିସ):** ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ ଉତ୍ତର ସମ୍ଭାଗର ଖେଳକୁଦ (ଆଥଲେଟସ୍) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚମ୍ପୁଆର ନେହେରୁ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଅଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି ଓଡିଶାର ପ୍ରାନ୍ତ ସଂଗୀତ ସଂଯୋଜକ ତଥା ଉତ୍ତର ସମ୍ଭାଗ ପ୍ରଭାରୀ ଜିତେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ପଞ୍ଚକୋଷର ବିକାଶ ବିଷୟରେ ଅବଗତ କରାଇଥିଲେ। ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା ଅଭ୍ୟାସ ନିରନ୍ତର ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ଭାଗ ସଂଯୋଜକ କ୍ଷେତ୍ର ମୋହନ ଦାସ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଭୋଳାନାଥ ମିଶ୍ର ଆଦି ମଞ୍ଚାସୀନ ଥିଲେ। ଏଥିସହିତ କେନ୍ଦୁଝର ଜିଲ୍ଲା ବିଭାଗ ନିରୀକ୍ଷକ ଜ୍ଞାନରଞ୍ଜନ ପାଢ଼ୀ, ମୟୂରଭଞ୍ଜ ବିଭାଗ ନିରୀକ୍ଷକ ହରିଶ ଚନ୍ଦ୍ର ପଣ୍ଡା, କେନ୍ଦୁଝର ଜିଲ୍ଲା ସହବିଭାଗ ନିରୀକ୍ଷକ ଲମ୍ବୋଦର ମହାନ୍ତ, ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପଦ୍ମଲୋଚନ ମହାନ୍ତ, ସମ୍ଭାଗ ଖେଳକୁଦ ପ୍ରମୁଖ କୃଷ୍ଣଚନ୍ଦ୍ର ମହାକୁଡ଼, ସମ୍ଭାଗ ଶାରୀରିକ ପ୍ରମୁଖ ନରେଶ ଚନ୍ଦ୍ର ମହାନ୍ତ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉତ୍ତର ସମ୍ଭାଗ ଅନ୍ତର୍ଗତ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ୧୨ଟି ସମ୍ଭାଗରୁ ୭୧ ଟି ଶିଶୁ ମନ୍ଦିରର ମୋଟ୍ ୪୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା', ସେବକ ସେବିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ କଲେଜରେ ଜାତୀୟ ଯୁବ ଦିବସ

# 'ମାନବବାଦକୁ ସଂକୀର୍ଣ୍ଣତାଠାରୁ ବହୁ ଊର୍ଦ୍ଧ୍ୱକୁ ନେଇଥିଲେ ସ୍ୱାମୀଜୀ'

କେନ୍ଦୁଝର,୧୨।୧(ସମିସ)



କେନ୍ଦୁଝରର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ, ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦୁଝର ଶାଖାର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସଭାଗୃହଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ତୈଳଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ମୁଖ୍ୟ ଅତିଥି ଓଡିଶା ଗାନ୍ଧୀ ବିଚାର ପରିଷଦ ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି, ମୁଖ୍ୟବକ୍ତା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିପିନ ବିହାରୀ ମହାପାତ୍ର ଓ ଅଧ୍ୟକ୍ଷ ପୁରେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁଶ୍ରୀ ରୂପଶ୍ରୀ ଚାଟାର୍ଜୀ ଓ ତାଙ୍କର ସାଥିମାନେ ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟଅଧ୍ୟକ୍ଷ ପୁରେନ୍ଦ୍ର କୁମାର ବିଶ୍ୱାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରେଡ୍ ରିବନ କ୍ଲବ, ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ୭୮ ଜଣ ଛାତ୍ରଛାତ୍ରୀ ସଭାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପରେଶ ଚନ୍ଦ୍ର ଧର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ମୁଖ୍ୟ ଅତିଥି ଭକ୍ତବତ୍ସଳ ମହାନ୍ତି କହିଥିଲେ, ସ୍ୱାମୀଜୀଙ୍କ ଭାଷାରେ ସ୍ୱାମୀଜୀ ମାନଙ୍କ ମଧ୍ୟରେ ନିହିତ ପୂର୍ଣ୍ଣତାର ପରିପ୍ରକାଶ ହିଁ ଶିକ୍ଷା, ମଣିଷକୁ ଭଗବାନଙ୍କ ଭଳି ସେବା କର। ଆମର କର୍ତ୍ତବ୍ୟ ହେଉଛି ଅନ୍ୟକୁ ସାହାଯ୍ୟ କରିବା ଓ ବିଶ୍ୱର ମଙ୍ଗଳ ସାଧନ କରିବା। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିପିନ ବିହାରୀ ମହାପାତ୍ର କହିଲେ ଗୌତମ ବୁଦ୍ଧ, ମହାତ୍ମା ଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦ ବିଶ୍ୱ ମାନବ ବାଦୀ ଚିନ୍ତାଧାରାର ଥିଲେ। ଭାରତୀୟ ସନାତନ ଧର୍ମର ବୈଦିକ ଦିଗକୁ ପାଠ କରିଥିଲେ। ଧର୍ମର ସଂକୀର୍ଣ୍ଣତା ଠାରୁ ମାନବ ଜାତିକୁ ବିଶ୍ୱରେ ବହୁ ଉର୍ଦ୍ଧ୍ୱକୁ ନେଇ ଯାଇଥିଲେ। ଧର୍ମଗତ ଭେଦଭାବକୁ ଭୁଲି ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା କରିବା ତାଙ୍କର ଲକ୍ଷ୍ୟ ଥିଲା। ଚିକାଗୋ ଧର୍ମ ସଭାରେ ସ୍ୱାମୀଜୀଙ୍କୁ ସର୍ବଶ୍ରେଷ୍ଠ ବକ୍ତା ଭାବେ ବିଶ୍ୱ ଗ୍ରହଣ କରିଥିଲା। ଭାରତୀୟ ଉପନିଷେଦ, ଗୀତା, ବେଦାନ୍ତକୁ ୟୁରୋପରେ ୪ବର୍ଷ ରହି ପ୍ରଚାର କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଗୀତାରାଣୀ ସାହୁ,ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ,ଅଧ୍ୟାପକ ସତ୍ୟବ୍ରତ ମହାନ୍ତ,ଅଧ୍ୟାପିକା ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ସ୍ୱାମୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାମୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅତିଥିମାନେ ମହାବିଦ୍ୟାଳୟପ୍ରାଙ୍ଗଣରେଫଳବୃକ୍ଷରୋପଣକରିଥିଲେ।

## ମହୁଲି ମଦ ଭାଟିରେ ପୁଲିସର ଚଢ଼ଉ



ତୁରୁମୁଙ୍ଗା,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ ପକ୍ଷରୁ ରବିବାର ପାଟଣା ଥାନା ଅଞ୍ଚଳର ବନବିର ନଦୀକୂଳରେ ବେଆଇନ ଭାବରେ ତିଆରି ଚାଲିଥିବା ଦେଶୀ ମହୁଲି ଭାଟି ଉପରେ ଚଢଉ କରାଯାଇ ୧୩ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି। ଏଥିସହ ମଦ ପ୍ରସ୍ତୁତ ପାଇଁ ଥିବା ସାମଗ୍ରୀକୁ ପୁଲିସ ଜବତ କରିଛି। ଚଢ଼ଉ ଦେଖି ଘଟଣାସ୍ଥଳରୁ ମାଫିଆ ଫେରାର ହୋଇଯାଇଥିବା ବେଳେ ଏହି ଚଢ଼ଉରେ ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

● ଜାତୀୟ ଯୁବ ଦିବସରେ ସଚେତନତାର ବାର୍ତ୍ତା

## କୁସଂସ୍କାର ବିରୁଦ୍ଧରେ ଲଢିବାକୁ ନେଲେ ଶପଥ

ରାମଚନ୍ଦ୍ରପୁର,୧୨।୧(ସମିସ): ଜାତୀୟ ଯୁବ ଦିବସ ଅବସରରେ ଗଡ଼ବାନ୍ଧଗୋଡା ପଞ୍ଚାୟତ ଅଧିନ ସମସ୍ତ ଆସ୍ୱାୟାର୍ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଯୁବକ ଯୁବତୀ ଏକତ୍ରିତ ହୋଇ ଦାନ୍ତିଆଠାରୁ ଆରମ୍ଭକରି ଆଦିବାସୀ ଗାଁ ସାପୁଆସାହି ପର୍ଯ୍ୟନ୍ତ କୁସଂସ୍କାର ବିରୁଦ୍ଧରେ ସ୍ଲୋଗାନ ଦେଇ ଯାଇଥିଲେ। ସଚେତନତା ରାଲି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସାପୁଆସାହି ଫୁଟବଲ ପଡିଆରେ ସ୍ଥାନୀୟ ଅଧିବାସୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ବହୁ ଯୁବକ ଯୁବତୀ ଏବଂ ଗ୍ରାମର ଅଧିବାସୀମାନଙ୍କୁ ଜାତୀୟ ଯୁବ ଦିବସର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ସମାଜରେ ଘଟୁଥିବା ବାଲ୍ୟ ବିବାହ, ଶିଶୁଶ୍ରମିକ ଏବଂ କୁ-ପ୍ରଥାରୁ କିପରି ସଚେତନ ହୋଇ ନିଜ ନିଜ ଗ୍ରାମକୁ ସ୍ୱଚ୍ଛ ଏବଂ ସଂସ୍କାରଧର୍ମୀ ଗ୍ରାମରେ ପରିଣତ କରିବା ସେ ନେଇ ଆହ୍ୱାନ ଦେଇଥିଲେ। ସାଇକଲ ଶୋଭାଯାତ୍ରାରେ ଆସ୍ୱାୟାର ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ଭୂୟାଁ, ସତ୍ୟବାନ୍ ଜେନା, ଅର୍ପିତା ଜେନା, ସୀମାରାଣୀ ସେନାପତି, ରାଜଶ୍ରୀ ସେନାପତି, ପ୍ରୀତିପୁଜା ମଲ୍ଲିକ, ବିଚିତ୍ର ଜେନା ଏବଂ କାବେରୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

## କୁସୁମିତା ବାଳିକା ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ



କେନ୍ଦୁଝର,୧୨।୧(ସମିସ): ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୁସୁମିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ସାହୁ ଛାତ୍ରୀମାନଙ୍କୁ ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ନିୟମକୁ ପାଳନ କରିବା ସହିତ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧି କରି ପିତାମାତା, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଗୁରୁଜନମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ, ଏସ୍‌ଏମ୍‌ଡିସି ଅଧ୍ୟକ୍ଷ ମନସା ପ୍ରସାଦ ହେମ୍ବ୍ରମ, ଏସ୍‌ଏମ୍‌ସି ଅଧ୍ୟକ୍ଷ ସଞ୍ଜୟ କୁମାର ମୁଣ୍ଡା ଯୋଗ ଦେଇ ଛାତ୍ରୀମାନଙ୍କୁ ବହୁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବେଲଦା ସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଅମୀୟ ସାମନ୍ତରା ଯୋଗ ଦେଇ ନିଜ ଭିତରେ ଥିବା ଦକ୍ଷତାକୁ ଚିହ୍ନି ନିରନ୍ତର ପ୍ରଚେଷ୍ଟା କଲେ ସଫଳତା ମିଳିପାରିବ ବୋଲି ଛାତ୍ରୀମାନଙ୍କୁ କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଚିନ୍ତାମଣୀ ପାତ୍ର ଓ ଯନ୍ତ୍ର ସଙ୍ଗୀତରେ ବିଜୟ କୁମାର ବାରିକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନିରୁଦ୍ଧ ମହାନ୍ତ,ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ,ବିଭାବରୀ ମହାନ୍ତ,ଫାଲଗୁନି ନାଏକ,ଶତାବ୍ଦୀ ଚିନ୍ମୟୀ ବେହେରା, ଅନନ୍ୟା ରାଉତ,କର୍ମଚାରୀ ଜଗବନ୍ଧୁ ସାହୁ,ରାଜଲାଲ ହେମ୍ବ୍ରମ,ମେଟ୍ରନ ସସ୍ମିତା ରାଉତ,ଉର୍ମିଳା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ବିଭ୍ରାଟକୁ ନେଇ ହଟ୍ଟଗୋଳ



■ ବ୍ୟସ୍ତ ରହୁଛି ହେଲ୍‌ପଲାଇନ୍ ନମ୍ବର
■ ମନଇଚ୍ଛା କଟୁଛି ବିଦ୍ୟୁତ୍, ଅନ୍‌ଲାଇନ ସେବା ଓ ଜଳଯୋଗାଣ ପ୍ରଭାବିତ

ଆନନ୍ଦପୁର,୧୨।୧(ସମିସ): ସମଗ୍ର ଆନନ୍ଦପୁର ଉପଖଣ୍ଡରେ ବିଦ୍ୟୁତ ବ୍ୟବସ୍ଥା ପରିଚାଳନାରେ ଗୁରୁତର ସଂକଟ ଦେଖାଦେଇଛି। ପ୍ରତି ସପ୍ତାହରେ ଗ୍ରୀଡ୍ ମରାମତି ରକ୍ଷଣାବେକ୍ଷଣ ନାଁରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସକାଳ ୯ରୁ ଦିନ ତମାମ ବିଦ୍ୟୁତ୍ କାଟ କରାଯାଉଥିବାରୁ ଅନଲାଇନ୍ ସେବା, ଜଳଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଠପ୍ ହୋଇଯାଉଛି। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘୋଷଣା କରାଯାଉଥିବା ବେଳେ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଘସିପୁରା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବିଦ୍ୟୁତ୍ ବିଭାଗର ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ପିଇଓମାନଙ୍କୁ ନେଇ ଆୟୋଜିତ ସମନ୍ୱୟ ବୈଠକରେ ହୋହଲ୍ଲା ଯୋଗୁ ଆଲୋଚନା ବିଫଳ ହୋଇଛି। ଟିପିଏନ୍‌ଓଡିଏଲ୍ ପକ୍ଷରୁ ଜାରି କରାଯାଇଥିବା ବିଦ୍ୟୁତ୍ ବିଭାଗର ହେଲପଲାଇନ୍ ନମ୍ବର ସବୁ ସମୟରେ ବ୍ୟସ୍ତ ରହୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଫୋନ୍ ଉଠାଉ ନଥିବାରୁ ଲୋକେ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ସ୍ୱାଭାବିକ ଭାବେ ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ଏହି ବୈଠକ ଆହ୍ୱାନ କରାଯାଇଥିଲା। ସରପଞ୍ଚମାନେ ଟାଟା ପାୱାର ବିରୋଧରେ ଅଭିଯୋଗ ଆଣିଥିଲେ। ବୀରଗୋବିନ୍ଦପୁର ପଞ୍ଚାୟତରେ ରାସ୍ତା ନିର୍ମାଣ ପାଇଁ ବିଦ୍ୟୁତ୍ ଖୁଣ୍ଟ ଉଠାଇବାକୁ ୬ ମାସରୁ ଉର୍ଦ୍ଧ୍ୱ ହେଲା ଚିଠି କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ଷ୍ଟ୍ରିଟ୍ ଲାଇଟ ଅଚଳ ରହିଥିଲେ ମଧ୍ୟ ବିଦ୍ୟୁତ୍ ବିଲ ଆଦାୟ କରାଯାଉଥିବା ନେଇ ଖାଲିଆମେଣ୍ଟା ସରପଞ୍ଚ ବୃନ୍ଦାବନ ଜେନା, ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ମଦନପୁର ସରପଞ୍ଚ ହିମାଂଶୁ ଶେଖର ଜେନା ପ୍ରମୁଖ ଅଭିଯୋଗ କରିଥିଲେ। ଗୋହିରା ପଞ୍ଚାୟତ ଭୋଳ ନୂଆଗାଁ ଗ୍ରାମରେ ଜଣେ ଉପଭୋକ୍ତା ଚୋରାରେ ବିଦ୍ୟୁତ ବ୍ୟବହାର କରୁଥିବା ବେଳେ ତାଙ୍କ ପଡୋଶୀଙ୍କୁ ଜରିମାନା କରାଯାଇଥିଲା। ଅଭିଯୋଗ ପରେ ଏହି ଘଟଣାର କୌଣସି ସମାଧାନ କରାଯାଉ ନଥିବା ଅଭିଯୋଗ ହୋଇଛି।

## ଆନନ୍ଦପୁରରେ ବିବେକାନନ୍ଦ ଜୟନ୍ତୀ



ଆନନ୍ଦପୁର,୧୨।୧(ସମିସ): ଆନନ୍ଦ ଭବନଠାରେ ପୂଜ୍ୟପୂଜା ସାଂସ୍କୃତିକ ପରିଷଦ, ଆନନ୍ଦପୁର ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଉପସଭାପତି ଶ୍ରୀ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡିତ, ବିନୋଦ ବିହାରୀ ମିଶ୍ର, ଉମାକାନ୍ତ ନାୟକ,ଶ୍ରୀ ସୁଦାମ ଚରଣ ସାହୁ ଶିକ୍ଷକ ଶ୍ରୀ ଚିତ୍ତରଞ୍ଜନ ଘଡେଇ ପ୍ରଭୃତି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାମୀଜୀଙ୍କ ଆଦର୍ଶ, ଦର୍ଶନ ଓ ଆଧ୍ୟାତ୍ମିକତାର ପରାକାଷ୍ଠା କବିତା ମାଧ୍ୟମରେ କବି ସାବିତ୍ରୀ ଦାସ, ରଘୁନାଥ ପଣ୍ଡିତ, ରଙ୍ଗାଧର ନନ୍ଦି, ନୀଳମଣୀ ବାରିକ, ରାମଚନ୍ଦ୍ର ଜେନା ଓ ବାଞ୍ଛାନିଧି ସାହୁ ପ୍ରମୁଖ ଆବୃତ୍ତି କରିଥିଲେ। ଶିଶୁ ସାହିତ୍ୟିକ ରତ୍ନାକର ଦାସ ସଂଯୋଜନା କରିବା ସହ ମଞ୍ଚ ପରିଚାଳନା ଦାୟିତ୍ୱ ବହନ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦର କାର୍ଯ୍ୟକାରୀ ସମ୍ପାଦକ ଓ ସମାଜସେବୀ ରାମଚନ୍ଦ୍ର ଜେନା, ସମ୍ପାଦକ ପଦ୍ମନାଭ ପାତ୍ର ଓ ଜଗନ୍ନାଥ ପାଢ଼ୀ ପରିଚାଳନା କରିଥିଲେ। ସର୍ବଶେଷରେ ଅନ୍ୟତମ ସଦସ୍ୟ ମମତାରାଣୀ ଜେନା ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା।

## ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ବନ୍ଧୁମିଳନ

କେନ୍ଦୁଝର,୧୨।୧(ସମିସ): କେନ୍ଦୁଝର ସହର ନିକଟସ୍ଥ ଅଶୋକବାଟିକା ଠାରେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥୀ ସିଂଙ୍କ ସଭାପତିତ୍ୱରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାର ଐତିହ୍ୟ, ପରମ୍ପରାର ସୁରକ୍ଷା ସହିତ ଜିଲ୍ଲାର ଦ୍ରୁତ ବିକାଶ ପାଇଁ ସମସ୍ତେ ଏକ ହେଇ କାମ କରିବାକୁ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଶ୍ରୀ ମନୀଷା ଚିନ୍ମୟୀ ବେହେରା, ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ଅଶୋକ କୁମାର ରଥ, ରାଜ୍ୟ



ସଂଯୋଜକ ଜଗନ୍ନାଥ ମହାପାତ୍ର, ଅଶୋକ କୁମାର ପୃଷ୍ଟି, ଉପେନ୍ଦ୍ର ରାଉଲ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ମଦନମୋହନ ମହାନ୍ତ, କୌଶିକ ଚାନ୍ଦ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବିଶ୍ୱଜିତ୍ ତ୍ରିପାଠୀ, ଶଙ୍କର୍ଷଣ ଜେନା, ବସନ୍ତ କୁମାର ନାୟକ, ଅଜୟ କୁମାର ସାମନ୍ତରାୟ, ସୁଧାକର ସାହୁ, ପ୍ରକାଶ ସୂତ୍ରଧର, ରାଜେଶ କୁମାର ସିଂହ, ରାଜେଶ କୁମାର ମହାନ୍ତ, ସାବିତ୍ରୀ ବିଶ୍ୱାଳ, ପ୍ରିୟବ୍ରତ ଜେନା, ବ୍ରଜ କିଶୋର ରାୟ, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶ, ଶିଶିର କୁମାର ସାହୁ, ଅଭିମନ୍ୟୁ ସାହୁ, ସରୋଜ କୁମାର ସାହୁ, ଅଶିତ ନନ୍ଦନ ମହାନ୍ତି, ସୁବ୍ରତ କୁମାର ମହାନ୍ତି, ଦୁର୍ଗା ଚରଣ ବାରିକ ପ୍ରମୁଖଙ୍କ ସମେତ ସାମ୍ବାଦିକ, ସମାଜ ସେବୀ, ବୁଦ୍ଧିଜିବୀ ସାମିଲ ହୋଇଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ତୁରୁମୁଙ୍ଗା,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥ ସାହାରପଡା-କରଞ୍ଜିଆ ରାସ୍ତାର ଗୋରାଣ୍ଡିଯୋଡି ନିକଟରେ ରବିବାର ଦୁର୍ଘଟଣା ଘଟି ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ ଆରୋହୀଙ୍କ ପରିଚୟ ମିଳି ନଥିବାବେଳେ ତାଙ୍କୁ ଉଧାର କରି କରଞ୍ଜିଆ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ସାହାରପଡା ଫାଣ୍ଡି ପୁଲିସ ପହଁଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଛେନାପଦି ବଜାରରେ ସ୍ପିଡ୍‌ବ୍ରେକର ଓ କ୍ୟାମେରା ସ୍ଥାପନ ଦାବି

ହାଟଡ଼ିହୀ,୧୨।୧(ସମିସ): ହାଟଡ଼ିହୀ ବ୍ଲକର ସର୍ବବୃହତ ଓ ଚଳଚଞ୍ଚଳ ଦୈନିକ ବଜାର କହିଲେ ଛେନାପଦି ଛକକୁ ବୁଝାଇଥାଏ। ଛେନାପଦି ଛକର ଏହି ଚଳଚଞ୍ଚଳ ବଜାର ଦେଇ ୫୩ନଂ ରାଜ୍ୟ ରାଜପଥର ଆନନ୍ଦପୁର-ଭଦ୍ରକ ରାସ୍ତା ଲମ୍ବିଛି। ପ୍ରତିଦିନ ଏହି ଛକଦେଇ ଶହ ଶହ ମାଲବାହୀ ଗାଡ଼ିଠାରୁ ଆରମ୍ଭ କରି ଅନେକ ଯାତ୍ରୀବାହୀ ଏବଂ ସ୍କୁଲ-କଲେଜ ବସ, ଜରୁରୀକାଳୀନ ଗାଡ଼ି ସହିତ ବଡ଼ ବଡ଼ ଯାନବାହନ ମଧ୍ୟ ଚଳାଚଳ କରିଥାନ୍ତି। ଛକଟି ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ବ୍ଲକର ୩୧ଗୋଟି ପଞ୍ଚାୟତର ପ୍ରାୟ୨୧୮ ଟି ଗ୍ରାମରୁ ଅଧିକାଂଶ ଲୋକେ ଏହି ବଜାର ଉପରେ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ଭୋର ପ୍ରାୟ ସାଢେ ୩ଟା ଠାରୁ ରାତ୍ର ୧୧ଟା ଯାଏ ଏହି ବଜାରରେ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ରାସ୍ତାରେ ଲୁହାପଥର ଟ୍ରକ୍ ପରିବହନ ନେଇ ଗମନାଗମନର ଅନୁମତି ନଥିବାବେଳେ ଗତ କିଛି ମାସ ଧରି ରୀତିମତ ଭାବେ କିଛି ଲୁହାପଥର ବୋଝେଇ ଟ୍ରକ୍ ପ୍ରତିଦିନ ଏହି ରାସ୍ତାରେ ଖୁବ୍ ଦ୍ରୁତଗତିରେ ଚଳାଚଳ ହେତୁ ରାସ୍ତାରେ ଅନେକ ସମୟରେ ଛୋଟବଡ଼



ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ନିକଟରେ ଜଣେ କଲେଜ ଛାତ୍ରୀକୁ ଗାଡ଼ି ଧକ୍କା ଦେବାରୁ ସେ ଆଜିଯାଏଁ ଶଯ୍ୟାଶାୟୀ ହୋଇ ରହିଛନ୍ତି। ତେବେ ଏଭଳି ଦୁର୍ଘଟଣା ଆଶଙ୍କା ଏଡ଼ାଇବାକୁ ବଜାରର ଆରମ୍ଭ, ମଝି ଏବଂ ଶେଷ ଭାଗରେ ସ୍ପିଡ଼ବ୍ରେକର ସ୍ଥାପନ କରିବାକୁ ବଜାରର ଦୋକାନୀମାନଙ୍କ ସମେତ ସାଧାରଣ ଲୋକେ ଦାବି କରିଛନ୍ତି। ଏପରିସ୍ଥଳେ ଛେନାପଦି ଛକଟି ବ୍ୟବସାୟକୁ ନେଇ ସର୍ବଦା ଚଳଚଞ୍ଚଳ ରହୁଥିବାରୁ ଅନେକ ସମୟରେ ବାଇକ, ମୋବାଇଲ, ଟଙ୍କା, ସୁନା ଅଳଙ୍କାର ଆଦି ଚୋରି ହୋଇଥିବା ନଜିର ରହିଛି। ଏଣୁ ଏସବୁ ସମସ୍ୟାକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଛେନାପଦି ଭଳି ଦୈନନ୍ଦିନ ଭିଡ଼ ବଜାରରେ ତୁରନ୍ତ ସ୍ପିଡ଼ବ୍ରେକର ସହ କ୍ୟାମେରା ସ୍ଥାପନ କରାଗଲେ ଲୋକମାନେ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ଓ ବ୍ୟବସାୟୀମାନେ କହିଛନ୍ତି।

## ଆସ୍ୱାୟର ପକ୍ଷରୁ ଯୁବ ଦିବସ




ସୋସୋ,୧୨।୧(ସମିସ): ହାଟଡିହୀ ବ୍ଲକ ଆସ୍ୱାୟାର ପକ୍ଷରୁ ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଛି। ପ୍ରଥମେ ଛେନାପଦି ଛକ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପରେ ମହାବିଦ୍ୟାଳୟର ସଭା ଗୃହରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ନକୁଳ ଚରଣ ରାଉତ, ସମ୍ମାନୀତ ଅତିଥି ରାଜ୍ୟ ଦିବ୍ୟାଙ୍ଗ ଅଲମ୍ପିକରେ ସ୍ୱର୍ଣ୍ଣ ପଦକ ବିଜେତା ବିକ୍ରମାଦିତ୍ୟ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ବ୍ଲକ ଅଧ୍ୟକ୍ଷ ଧିରେନ୍ଦ୍ରନାଥ ଶଙ୍ଖୁଆ, ହାଟଡିହି ଗ୍ରାମ ପଞ୍ଚାୟତର ସରପଞ୍ଚ ଚିନ୍ମୟ ନାୟକ ପ୍ରମୁଖ ଯୋଗଦେଇ ଯୁବ ଦିବସ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନକରିଥିଲେ। ଆସ୍ୱାୟାର ବ୍ଲକ ସଂଯୋଜକ କୃପାସିନ୍ଧୁ ସିଂ, ଶିକ୍ଷା ସଂଯୋଜକ ଦୁଷ୍ମନ୍ତ କୁମାର ସାହୁ, ଆଇସିଡିଏସର ଜୀବନଜ୍ୟୋତି ରାଉତ, ଏମଆଇଏସ ସୁମିତ୍ ସୁବାଶିଷ ପାତ୍ର, ସିଏଫ୍ ଆଦିତ୍ୟ ରନ ପଟ୍ଟନାୟକ, ଦଶରଥ ମାଝୀ, ଯୁବରାଜ ଖଜୁରିଆ, ବିପିନ କୁଅଁର, ଏଲଏଫ୍ ପ୍ରିୟଦର୍ଶିନୀ ପରିଡା, ନାରାୟଣ ପାତ୍ର, ହାଟଡିହି ପଞ୍ଚାୟତ ସଂଯୋଜକ ତୁଷାର ରନ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

● ଚକଧର ପ୍ରକଳ୍ପ ବନ୍ଦ ପ୍ରସଙ୍ଗ ...

## ଗ୍ରୀନ ଓଡ଼ିଶା ପକ୍ଷରୁ ଆନ୍ଦୋଳନ ପାଇଁ ସଜବାଜ

ତେଲକୋଇ,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ପ୍ରସ୍ତାବିତ ସମାକୋଇ ଚକଧର ପ୍ରକଳ୍ପ ବନ୍ଦ ଦାବିରେ ବହୁ ଆନ୍ଦୋଳନ ହୋଇଥିବା ବେଳେ ଏବେ ଗ୍ରୀନ ଓଡ଼ିଶା ସଙ୍ଗଠନ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଛି। ଏହି କ୍ରମରେ ଗ୍ରୀନ ଓଡ଼ିଶା ସଂଗଠନ ପକ୍ଷରୁ ସମାକୋଇ ଚକଧର ସମନ୍ୱୟ ସମିତିକୁ ନେଇ ଘନ ଘନ ବୈଠକ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜଙ୍ଗଲ ସମେତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଗ୍ରୀନ୍ ଓଡ଼ିଶା ପକ୍ଷରୁ ଆହ୍ୱାନ ଦିଆଯାଉଛି।

ତେବେ ରବିବାର ଗ୍ରୀନ୍ ଓଡ଼ିଶା ସଂଗଠନ ଓ ଚକଧର ସମନ୍ୱୟ ସମିତି ପକ୍ଷରୁ ସ୍ଥାନୀୟ ଦେଉଳ ଡିହା ଗ୍ରାମରେ ଗ୍ରୀନ ଓଡ଼ିଶା ଗଠନ ନିମନ୍ତେ ଏକ ସଭା ଅନୁଷ୍ଠିତ ହେବା ସହିତ ଗାଁ ପରିକ୍ରମା କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ଏହା ସହିତ ଘରକୁ ଘର କ୍ୟାମ୍ପେନ କରାଯାଇ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଗ୍ରାମର ବରିଷ୍ଠ ନାଗରିକ ବିମ୍ବାଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରୀନ ଓଡ଼ିଶାର ପ୍ରତିଷ୍ଠାତା ସୁଧୀର ଚରଣ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂଗଠନର ଉପସଭାପତି ଶ୍ରୀଧର ସ୍ୱାଇଁ, ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ଜମି କୁ ସୁରକ୍ଷା ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରୀନ୍ ଓଡ଼ିଶାର ସଦସ୍ୟ ମୋନାଲିସା ପ୍ରଧାନ, ସମାକୋଇ ଚକଧର ସମନ୍ୱୟ ସମିତି ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ସହ ସମ୍ପାଦକ ଅରକ୍ଷୀତ ପ୍ରଧାନ, ଉପଦେଷ୍ଟା ବାବୁଲାଲ ପ୍ରଧାନ, ଚକଧର ସଂଗ୍ରାମୀ କେଶରୀ ରାଉତ, ଇନ୍ଦ୍ରମଣି ବିଶ୍ୱାଳ, ନାରାୟଣ ପ୍ରଧାନ, ସୁରେଶ ଚନ୍ଦ୍ର ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ତପନ କୁମାର ପ୍ରଧାନଙ୍କ ସମେତ କରଦାଙ୍ଗୀ ଏବଂ ଦେଉଳଡିହା ପଞ୍ଚାୟତର ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଚକଧର ସଂଗ୍ରାମୀ ସାମିଲ ହୋଇଥିଲେ।

### ସର୍ବଭାରତୀୟ ଗୋଲ୍‌ଡେନ୍ କପ୍ ଟି-୨୦

# ଆଲ୍‌ଫା ବ୍ରହ୍ମପୁରକୁ ହରାଇ କଟକ ନିମପୁର ଚାମ୍ପିଅନ

ରାମଚନ୍ଦ୍ରପୁର,୧୨।୧(ସମିସ)




କେନ୍ଦୁଝର ଜିଲ୍ଲା ଅଳତି ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୧ ତମ ଗୋଲ୍‌ଡେନ୍ କପ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆଲ୍‌ଫା ବ୍ରହ୍ମପୁରକୁ ହରାଇ ନିମପୁର କଟକ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଆଲ୍‌ଫା ଟସ୍ ଜିତି ଫିଲ୍ଡିଂ ନିଷ୍ପତି ନେଇଥିଲା। ନିମପୁର ପ୍ରଥବେ ବ୍ୟାଟିଂ କରି ୨୯ ଓଭରରେ ସମସ୍ତ ଉଇକେଟ ହରାଇ ୧୯୪ ରନ୍ କରିଥିଲା। ଜବାବରେ ଆଲ୍‌ଫା ୨୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୪ କରି ପରାଜିତ ହୋଇଥିଲା। ୧୦ ରନ ବ୍ୟବଧାନରେ ନିମପୁର ଫାଇନାଲ ମ୍ୟାଚ୍‌ରେ ଜିତି ଚାମ୍ପିଅନ ଟାଇଟଲ୍ ହାତେଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟରଂଜନ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ବାରିକ ଏବଂ ସିନେତାରକା ଅନୁଭବ ମହାନ୍ତି, ସିନେ ଅଭିନେତ୍ରୀ ରିୟା ଦେ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିଅନ ନିମପୁରକୁ ନଗଦ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଆଲ୍‌ଫା ବ୍ରହ୍ମପୁରକୁ ୬୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ନିମପୁର ଟିମ୍‌ର ସତ୍ୟକାନ୍ତ ଭରଦ୍ୱାଜ ଏବଂ ପ୍ଲେୟାର ଅଫ ଟୁର୍ଣ୍ଣାମେଣ୍ଟ ଭାବେ ବିକ୍ରମ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ରାମକୋ ସିମେଣ୍ଟ କମ୍ପାନି ପକ୍ଷରୁ ଡିଲର ଉତ୍କଳକୁମାର ସାହୁ ପ୍ରତ୍ୟକ ଛକା ପାଇଁ ୫ଶହ ଟଙ୍କା ଘୋଷଣା କରି ମୋଟ ୨୩ ଛକା ପାଇଁ ୧୧ ହଜାର ୫ଶହ ଟଙ୍କା ଖେଳାଳୀଙ୍କୁ ପ୍ରଦାନ କରି ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ପରିଚାଳନାରେ ଓସିଏ ଅନୁବନ୍ଧିତ ଅମ୍ପାୟାର୍ ପ୍ରାଣନାଥ ଜେନା ଏବଂ ଆଶୁତୋଷ ପାଣି କାର୍ଯ୍ୟ ସମ୍ପାଦନ କରିଥିବାବେଳେ ସ୍କୋର ବୋର୍ଡରେ ପ୍ରିୟବ୍ରତ ମହାରଣା, ସବ୍ୟସାଚୀ ଦାସ, ସମୀର ସ୍ୱାଇଁ, ଆଦିତ୍ୟ ନାୟକ, ଧାରାବିବରଣୀରେ ବିପିନ ବିହାରୀ ସାହୁ, ତପନ କୁମାର ନାୟକ ଏବଂ ୟୁଟ୍ୟୁବ୍‌ରେ ସ୍ପୋର୍ଟସ ଟାଇମ ପକ୍ଷରୁ ପ୍ରକାଶ ଅଗ୍ରୱାଲ୍ ମ୍ୟାଚର ଲାଇଭ ପ୍ରଦର୍ଶିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସ୍ପୋର୍ଟ୍ସ କ୍ଲବର ମାର୍ଗଦର୍ଶକ ଡଃ ରତିକାନ୍ତ ବରାଳ, ମ୍ୟାନେଜର ମନ୍ମଥକୁମାର ରାଉତ, କାର୍ଯ୍ୟନିର୍ବାହୀ ପ୍ରସନ୍ନ କୁମାର ନାୟକ, ଜିତେନ୍ଦ୍ର ଓଝା ଏବଂ ସମସ୍ତ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।


ଚୁଆପାଣି ଗାଁରେ ପିଇବା ପାଣି ସମସ୍ୟା

# ୮ ଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ

ରାଇରଙ୍ଗପୁର, ୧୨।୧(ସମିସ)

ଗାଁରେ ନିର୍ମାଣ ହୋଇଥିବା ପାଣି ଟାଙ୍କି ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟରୁ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ବିଦ୍ୟୁତ୍ ମୋଟର ସହାୟତାରେ ଗଭୀର ନଳକୂପରୁ ଜଳ ଉତ୍ତୋଳନ କରି ପାଇପ୍ ଯୋଗେ ଗାଁକୁ ପାଣି ଯୋଗାଉଥିଲା। ତେବେ ତାହା ମଧ୍ୟ ବିଗତ ପ୍ରାୟ ୮ ଦିନଠାରୁ ଅଚଳ ହୋଇପଡ଼ିଛି। ଗାଁ ଲୋକେ ପାନୀୟଜଳ ପାଇଁ ଡହକବିକଳ ହେଉଛନ୍ତି। ଅଭିଯୋଗ କରାଗଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, କୁସୁମୀ ବ୍ଲକ ଅଞ୍ଚଳ ଚୁଆପାଣି ପଞ୍ଚାୟତ ଅଧୀନରେ ଚୁଆପାଣି ଗାଁ ରହିଛି। ଏହି ଗାଁରେ ପ୍ରାୟ ୩୦ଟି ଓ ନିକଟସ୍ଥ ବଡାଦର ଗାଁରେ ପ୍ରାୟ ୭୦ ଆଦିବାସୀ ପରିବାର ବସବାସ କରନ୍ତି। ମୋଟ ଲୋକସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ ରହିଛି। ଗାଁରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟରୁ ଆରମ୍ଭ ହୋଇଥିଲା। କିନ୍ତୁ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଏହାପରେ ବିଭାଗ ପକ୍ଷରୁ ଖନନ ହୋଇଥିବା



ଗଭୀର ନଳକୂପରୁ ବିଦ୍ୟୁତ୍ ମୋଟର ସଂଯୋଗ କରି ପାଣି ଟାଙ୍କି ଉପରେ ପାଣି ସଞ୍ଚୟ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ତାହା କୌଣସି ନିର୍ମାଣଜନିତ ତ୍ରୁଟି ଯୋଗୁଁ ସଫଳ ହୋଇପାରି ନ ଥିଲା। ଶେଷରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ନଳକୂପରୁ ସିଧାସଳଖ ପାନୀୟଜଳ ଉତ୍ତୋଳନ କରି ପାଇପ୍ ଲାଇନ ମାଧ୍ୟମରେ ଚୁଆପାଣି ଓ ବଡାଦର ଗାଁକୁ ଯୋଗାଣ କରାଯାଉଥିଲା। ତେବେ ବିଗତ ପ୍ରାୟ ୮ ଦିନଠାରୁ ପ୍ରକଳ୍ପ ଅଚଳ ହୋଇଯାଇଛି। ଗାଁରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି। ତେଣୁ ଗାଁ ଲୋକେ ପାନୀୟଜଳ ପାଇଁ ଡହକବିକଳ ହେଉଛନ୍ତି। ଗ୍ରାମବାସୀ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ସରପଞ୍ଚ, ବିଡିଓ ଓ ପାନୀୟ ଜଳଯୋଗାଣ ବିଭାଗ ଟୋଲ ଫ୍ରି ନମ୍ବରରେ ଅଭିଯୋଗ ପରେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ଛୋଟ ମୁଣ୍ଡା, ଭଗବାନ ହେମ୍ବ୍ରମ, ଜ୍ୟୋତିଷ ବିନ୍ଧାଣୀ, ଧାନ ବେସ୍ରା, ବିଜୁ ମାର୍ଣ୍ଡି, ମନୋଜ ସାହୁ, ମୋଟକା ଟୁଡୁ ଓ ଅନ୍ୟମାନେ ରହିଛନ୍ତି।

## ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କପ୍ତିପଦା, ୧୨।୧(ସମିସ): କପ୍ତିପଦା ବ୍ଲକ ଦେବାନବାହାଳି ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଭଗବାନ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ରାଣୀପୋଖରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଭାସ୍କର ବେଜ ଯୋଗ ଦେଇ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ବିଦ୍ୟାଳୟକୁ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିଲାଇ ସିଂ ଏବଂ ସରପଞ୍ଚ ଲକ୍ଷ୍ମୀ ସିଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ବିଦ୍ୟାଳୟର ଉନ୍ନତି ସମ୍ଭବ ବୋଲି କହିଥିଲେ। ଶିକ୍ଷକ ଚିନ୍ମୟ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଚିନ୍ମୟ ପାଣିଗ୍ରାହୀ ଓ ବିଜୟ ସିଂ ସଭା ପରିଚାଳନା କରିଥିଲେ। ଶିକ୍ଷକ ରବୀନ୍ଦ୍ର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ

ରାଇରଙ୍ଗପୁର, ୧୨।୧(ସମିସ): ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଅଧ୍ୟକ୍ଷ ରବିଶଙ୍କର ସତପଥିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପରିଚାଳନା କମିଟି ସଭାପତି ମାଳତି ପରିଡ଼ା, ଅଧ୍ୟାପିକା ତିଳୋତ୍ତମା ଷଡ଼ଙ୍ଗୀ ଅଧ୍ୟାପିକା ରାଜଶ୍ରୀ ଦାସ, ସଂଯୋଜକ ବିଜୟ ରାମ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀ ମାନଙ୍କୁ



ମୟୁରଭଞ୍ଜ ସାଂସଦ ନବଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତାଙ୍କ ସହିତ ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ପୁରସ୍କୃତ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ସଭା ଶେଷରେ ଅଧ୍ୟାପିକା ଯଶୋଧରା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କୁଆମରା, ୧୨।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଉଦଳା ଏନ୍ଏସ୍ସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ସଭାପତି ଡଃ ଲକ୍ଷ୍ମୀକାନ୍ତ ମହାରଣା, ବିଦ୍ୟାଳୟ ସମ୍ପାଦକ ମନମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ବଡ ମଣିଷ ଅପେକ୍ଷା ଭଲ ମଣିଷ ହେବାକୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଗୁରୁଜୀ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଓ ଗୁରୁମା ପରିଚାଳନା ରେ ସହଯୋଗ କରିଥିଲେ।




## ବାଗୁଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡସାହି, ୧୨।୧(ସମିସ): ବଡସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଭି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବାରିପଦା ସଦର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଇଓ ବଡସାହି ମଧୁସ୍ମିତା ଗିରି, ଅତିରିକ୍ତ ବିଇଓ ରାଧିଆ ମୁଣ୍ଡା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଶିକ୍ଷକ ସଚିଦାନନ୍ଦ ମହାନ୍ତି, ସରପଞ୍ଚ ତଅପୋଇ ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସନ୍ତୀ ସିଂ, ଜିଲ୍ଲା ଆଦିବାସୀ କଲ୍ୟାଣ ଶିକ୍ଷକ ସଂଘର ଉପଦେଷ୍ଟା ଦେବେନ୍ଦ୍ରନାଥ ପଣ୍ଡା, ମୟୂରଭଞ୍ଜ ଜିଲ୍ଲା ସାହିତ୍ୟ ପରିଷଦର ସମ୍ପାଦକ କବି ମନୋଜ କୁମାର ଦଳବେହେରା, ପଞ୍ଚାୟତ ସମିତି ସଦସ୍ୟ ରାମଚନ୍ଦ୍ର ନାଏକ, ସମାଜସେବୀ ନରେନ୍ଦ୍ର ମୋହନ ସିଂ ପ୍ରମୁଖ ଯୋଗେଦଇ ବିଦ୍ୟାଳୟ ଇତିହାସର ଗାଥା ବର୍ଣ୍ଣନା କରିଥିଲେ। ଏହି ଅବସରରେ ସମାଜସେବା ପାଇଁ ଶିଶିର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଜୟନ୍ତ କୁମାର ଜେନାଙ୍କ ସହ ଲୁଗୁ ସିଂ, ରଞ୍ଜିତା ଜେନା, ସସ୍ମିତା ସେଠୀ, ବନଜା ଦାସ, ନରାୟଣ ନାଏକ, ସସ୍ମିତା ମଣ୍ଡଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ



ବଡ଼ସାହି, ୧୨।୧(ସମିସ): ବଡସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୩୨ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସେହିପରି ବାରୁଡ଼ିହି ସାହିର ଅଗ୍ନିବିପନ୍ନ ମହେନ୍ଦ୍ର ନାଥ ବେହେରାଙ୍କ ପରିବାରକୁ ମଧ୍ୟ କମ୍ବଳ ସହ ପରିଧାନ ଯୋଗ୍ୟ ପୋଷାକ ବଣ୍ଟନ କରାଯାଇଛି। ସଂଘର ସଭାପତି ରଣଜିତ୍ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ମୁଖ୍ୟ ଅତିଥି, ବଡ଼ସାହି ସରପଞ୍ଚ ବୁଧୁରାମ ସିଂ ସମ୍ମାନିତ ଅତିଥି, ସଂଘର ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ଉପଦେଷ୍ଟା ତଥା ରାଜ୍ୟ ମହାସଂଘର ଜୋନାଲ ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ସମାଜସେବୀ ଅଜିତ କୁମାର ମହାନ୍ତି ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲିଃର ସଭାପତି ସୁବ୍ରମଣ୍ୟମ ମହାନ୍ତି ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ସଂଘ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ସମ୍ପାଦକ ଅନନ୍ତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଶୁକୃଳି, ୧୨।୧(ସମିସ): ମା' କୀଚକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଏବଂ ଏକ ସଭା ଅଧ୍ୟକ୍ଷ ମୁକେଶ କୁମାର ବେହେରାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ବାହାରି ଖିଚିଂ ଗ୍ରାମ ପରିକ୍ରମା କରିଥିଲା। ଛାତ୍ରଛାତ୍ରୀ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

## ଅଭିନବ ଉପାୟରେ ସଡ଼କ ସୁରକ୍ଷା



ବଡସାହି, ୧୨।୧(ସମିସ): ବଡସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁଙ୍କୁ ନେଇ ଅଭିନବ ଉପାୟରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଶିଶୁମାନେ ବଡସାହି- ବେତନଟୀ ମୁଖ୍ୟ ରାସ୍ତାର ବେଲପାଳ ଛକରେ ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମାବଳୀ ଉପରେ ସଚେତନତା କରିଥିଲେ। ଶିଶୁଭାଇଙ୍କ ଦ୍ୱାରା ଯମରାଜ ଏବଂ ଚିତ୍ରଗୁପ୍ତ ବେଶ ଧରି ପଥ ପ୍ରାନ୍ତ ସଚେତନତା ନାଟକ କରିବା ସହିତ ରାସ୍ତାରେ ଯାଉଥିବା ଗାଡ଼ି ଚାଳକମାନେ ହେଲମେଟ ନ ପିନ୍ଧି ଗାଡ଼ି ଚଳାଉଥିଲେ ସେମାନଙ୍କୁ ସଚେତନ କରୁଥିଲେ। ବିଦ୍ୟାଳୟର ସମ୍ପାଦକ ନିଳାଦ୍ରି ବିହାରୀ ଦଣ୍ଡପାଟ ଓ ଉପସଭାପତି ରସାନନ୍ଦ ବଳ ଏବଂ ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତି ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମୋରଡ଼ା, ୧୨।୧(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ଚିକିଟାମାଟିଆ ଗ୍ରାମପଞ୍ଚାୟତ ବ୍ରାହ୍ମଣମରା ଆଶ୍ରମ ବିଦ୍ୟାଳୟରେ ଶନିବାର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୋଭା ମାରାଣ୍ଡି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ହରିରାମ ମୁର୍ମୁ, ସମ୍ମାନିତ ଅତିଥି ଭାବେ ଚିକିଟାମାଟିଆ ସରପଞ୍ଚ ବାର୍ଷା ହେମ୍ବ୍ରମ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଚନ୍ଦ୍ରମୋହନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଗୋପାଳ ବାସ୍କେ, ଶିକ୍ଷୟିତ୍ରୀ ସୀମାରାଣୀ ଭଞ୍ଜ, ଟିଙ୍କୁଲତା ଜେନା ଏବଂ ଦେବଶ୍ରୀ ନନ୍ଦୀ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଖିଚିଂ, ୧୨।୧(ସମିସ): ଆଦର୍ଶ ଶିକ୍ଷକ ଡମ୍ବରୁଧର ସି (୯୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଏବଂ ସମାଜସେବକ ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପିଲାଙ୍କୁ ପୁରସ୍କୃତ କରି ଉତ୍ସାହିତ କରୁଥିଲେ। ଅବସର ପରେ ମଧ୍ୟ ବିଭିନ୍ନ ପର୍ବପର୍ବାଣିରେ ଗ୍ରାମର ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଇ ଉତ୍ସାହିତ କରୁଥିଲେ। ଶୁକୃଳି ଜଗନ୍ନାଥ ମନ୍ଦିର ନିର୍ମାଣ ତଥା ରଥଯାତ୍ରା ଆୟୋଜନରେ ତାଙ୍କର ଭୂମିକା ଅବିସ୍ମରଣୀୟ। ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ ଛାତ୍ରଛାତ୍ରୀ ଏବଂ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ସୀମାନ୍ତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସାରସକଣା/ଝାରପୋଖରିଆ, ୧୨।୧(ସମିସ): ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ଛାତ୍ର ସଂସଦର ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ଡଃ ଅଶୋକ କୁମାର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦ୍ୟୋତ କୁମାର ଅଧ୍ୟକ୍ଷତା କରିଥିବା ବେଳେ ସାଂସ୍କୃତିକ ପରିଷଦର ଉପସଭାପତି ଅଧ୍ୟାପକ ଅରୁଣ କୁମାର ପାତ୍ର, ଅଧ୍ୟାପକ ପ୍ରଷତମ କୁମାର ପଣ୍ଡା, ଅଜୟ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଶନିବାର ଅନୁଷ୍ଠିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ଭାଦବ ହାଁସଦା, ମୁଖ୍ୟବକ୍ତା ଭାବେ କବି ବିଷ୍ଣୁ ଶତପଥୀ, ପ ପୂର୍ବତନ



ପରିଚାଳନା କମିଟି ସଭାପତି ଡଃ ଅଞ୍ଜଳି ଦାଶ, ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି, ଛାତ୍ର ସଂସଦ ଉପଦେଷ୍ଟା ମଣ୍ଡଳୀର ସଭାପତି ଡଃ ଅଶୋକ କୁମାର ଶର୍ମା ଓ ସଦସ୍ୟ ଡଃ ପ୍ରବୀର କୁମାର ପଟ୍ଟନାୟକ, ଅଧ୍ୟାପକ ଅରୁଣ କୁମାର ପାତ୍ର, ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ବିଶ୍ୱନାଥ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଅଜୟ କୁମାର ପରିଡ଼ା ଅତିଥିଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଶେଷରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା +୨ ଓ +୩ ବିଭାଗର ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡଃ ପ୍ରବୀର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବାରିପଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ତରୁଣ କୁମାର ଓଝା ଯୋଗଦେଇଥିଲେ।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାରିପଦା, ୧୨।୧(ସମିସ): ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ପ୍ରବୋଧ କୁମାର ଦେଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡା ମାଧ୍ୟମରେ ଶାରୀରିକ ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିରୂପେ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର କ୍ରୀଡା ସଂସଦର ଉପସଭାପତି ସଞ୍ଜୀବ କୁମାର ବାର୍ଷିକ କ୍ରୀଡା ବିବରଣୀ ପାଠ ଏବଂ କ୍ରୀଡା ଶିକ୍ଷକ ମାନସ କୁମାର ମହାନ୍ତ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡାରେ ଛାତ୍ର ରୋହିତ କୁମାର ସିଂ ପୁରୁଷ ବିଭାଗରେ ଚାମ୍ପିଅନ ହୋଇଥିବା ବେଳେ ଛାତ୍ରୀ କୁମାରୀ ରଶ୍ମିରେଖା ନାୟକ ମହିଳା ବିଭାଗରେ ଚାମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଉଦଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ବିଜେତା ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଡ଼. ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରୋତ୍ସାହନ ଅଭାବ; ସମସ୍ୟାରେ କୁମ୍ଭକାର ପରିବାର

ରାଇରଙ୍ଗପୁର, ୧୨।୧(ସମିସ)

ସାମାଜିକ କ୍ଷେତ୍ରରେ ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ପର୍ବପର୍ବାଣି, ପୂଜାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମାଟି ତିଆରି ଜିନିଷର ଗୁରୁତ୍ୱ ରହିଛି। ଏହି ମାଟି ପାତ୍ରଗୁଡିକ ବ୍ୟବହାର ସମାଜରେ ପରିବାର ପାଇଁ ଶୁଭ ହୋଇଥାଏ ବୋଲି ମାନ୍ୟତା ରହିଛି। ମାଟି ଜିନିଷର ନିର୍ମାଣ କୁମ୍ଭାର ସମ୍ପ୍ରଦାୟ ଲୋକଙ୍କ କୁଳ ବେଉସା ରହିଛି। ବର୍ତ୍ତମାନ ବି ଗ୍ରାମାଞ୍ଚଳରେ ମାଟି ନିର୍ମିତ ଜିନିଷ ଗୁଡିକର ଚାହିଦା ମଧ୍ୟ ରହିଛି। ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ମାଟି ସାମଗ୍ରୀ ନିର୍ମାଣ କରୁଥିବା କାରିଗର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ତିରିଂ ବ୍ଲକ ଅଞ୍ଚଳରେ ଯଦୁନାଥପୁରରେ କୁମ୍ଭାର ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ବର୍ଷତମାମ



ଏହି ପରିବାରଗୁଡିକ ମାଟି ଦ୍ୱାରା ନିର୍ମିତ ହାଣ୍ଡି, ଖପୁରୀ, ଦୀପ, ଧୂପଦାନୀ, ସୁରେଇ ଆଦି ସାମଗ୍ରୀ ନିର୍ମାଣରେ ନିୟୋଜିତ ରହିଥାନ୍ତି। ଗାଁର ରାଜକପୁର କୁମ୍ଭକାର ନିଜ ଦୁଇ ପୁତ୍ର ସହ ମାଟି କାରିଗର ଭାବରେ କାମ କରନ୍ତି। ବର୍ତ୍ତମାନ ମୟୂରଭଞ୍ଜର ଗଣପର୍ବ ମକର ସଂକ୍ରାନ୍ତି ପାଇଁ ଏହି ପରିବାର ସଦସ୍ୟଙ୍କ ସହିତ ମାଟି ଖପୁରୀ ନିର୍ମାଣ କରାଯାଉଛି। ମକର ପର୍ବରେ ଲୋକେ ପିଠା ପଣା ତିଆରି କରିବା ପାଇଁ ମାଟି ଖପୁରୀ ବ୍ୟବହାର କରିବାର ପରମ୍ପରା ରହିଛି। ତେଣୁ କୁମ୍ଭାର ପରିବାରଗୁଡିକ ଅଧିକ ପରିମାଣରେ କେବଳ ମାଟିରେ ଖପୁରୀ ନିର୍ମାଣ କରି ପ୍ରସ୍ତୁତ କରି ରଖିଛନ୍ତି। ଏହିପରି ବର୍ଷ ତମାମ ମାଟିରେ ନିର୍ମିତ ଜିନିଷ ଗୁଡିକ ବିକ୍ରୟ କରି ପରିବାର ପ୍ରତିପୋଷଣ କରନ୍ତି ଏହି ପରିବାର; ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ଗାଁର କାରିଗରମାନେ ସେମାନଙ୍କ କୂଳବେଉସା ପ୍ରତି ବିମୁଖ ହେଉଛନ୍ତି ଏବଂ ସେମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ମାଟି କାରିଗରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

